## ସଂକ୍ଷେପରେ

### ମିଳିତ ଟ୍ରେଡ୍ ୟୁନିୟନ ପାଳିଲେ ଶ୍ରମିକ ଦିବସ

ରାୟଗଡା ଅଫିସ,୨।୫- ରାୟଗଡା ମୋଟର ଏମ୍ପ୍ଲଇସ୍ ୟୁନିଅନ ସହ ଅନ୍ୟାନ୍ୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଶ୍ରମିକ ଦିବସ ପାଳନ କରାଯାଇଛି। ଏଥିରେ ଜେକେର ଠିକା ଶ୍ରମିକ ମଧ ସାମିଲ ଥିଲେ। ମଟର ୟୁନିୟନ, ଆଇଏନଟିୟୁସି, ଏଆଇଟିୟୁସି ଏଚଏମଏସ ମିଳିତରେ ସ୍ଥାନୀୟ ଟାଉନ ହଲଠାରେ ଏକ ସଭା ହୋଇଥିଲା। ସଭାରେ ରାୟଗଡାର ବରିଷ୍ଠ ସଂଗଠକ ୟାଲା କଣ୍ଡା ବାବୁ ଯୋଗ ଦେଇଥିଲେ। ସମସ୍ତ ୟୁନିଅନ କର୍ମକର୍ତ୍ତାଙ୍କ ସହିତ କପିଳାସ ଛକ ଠାରୁ ଟାଉନ ହଲ ପର୍ଯ୍ୟନ୍ତ ପ୍ରଥମେ ପଦଯାତ୍ରାରେ ବାହାରି ଥିଲେ। ରାଜ୍ୟ ସରକାରଙ୍କ ଯୋଜନାର ସୁବିଧା ପାଇବା ପାଇଁ ସମସ୍ତ ନିର୍ମାଣ ଶ୍ରମିକ 'ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ରେ ପଞ୍ଜିକୃତ ହେବାକୁ ଉପସ୍ଥିତ ଶ୍ରମିମାନଙ୍କୁ କାର୍ଯ୍ୟକାରୀ କରିବାକୁ ୟାଲା କୋଣ୍ଡା ବାବୁ ନିବେଦନ କରିଥିଲେଷ୍ ସମାବେଶରେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଏସ୍‌ପି ବିବେକାନନ୍ଦ ଶର୍ମା, ରାୟଗଡା ପୌର ଅଧକ୍ଷ ମହେଶ ପଟ୍ଟନାୟକ, ମଟର ୟୁନିୟନ ସଭାପତି ସୁନୀଲ କର, ସମସ୍ତ ଶ୍ରମିକ ୟୁନିୟନର ସଭାପତି ଏବଂ ମେମ୍ବର ଉପସ୍ଥିତ ରହିଥିଲେ।

### ଛାତ୍ରୀ କମନ୍ ରୁମ୍ ଉଦ୍‌ଘାଟିତ

ରାୟଗଡ଼ା ଅଫିସ/ରାୟଗଡ଼ା, (ସ୍ୱ.ପ୍ର.) ୨।୫- ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ନିମନ୍ତେ ନିର୍ମିତ କମନ ରୁମ୍ ଉଦଘାଟିତ ହୋଇଯାଇଛି । ଏଥିଲାଗି ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ.ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟିଥିଲେ। ମହାବିଦ୍ୟାଳୟ ଅଧକ୍ଷା ଡ.ଅର୍ଚ୍ଚନା ପଟ୍ଟନାୟକ ବିଧାୟକ ପାଣ୍ଠିରୁ ଅର୍ଥ ଅନୁଦାନ ଯୋଗାଇ ଛାତ୍ରୀମାନଙ୍କ ସୁବିଧା ପାଇଁ ସାଧାରଣ କକ୍ଷ ନିର୍ମାଣ କରାଇଥିବାରୁ ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଉଦୟନାଥ ପଣ୍ଡା ଓ ରଜନୀକାନ୍ତ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ସାଧାରଣ କକ୍ଷ କମିଟି ସଦସ୍ୟା ତଥା ଅଧାପିକା ପ୍ରତିମା ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ କ୍ୟାପଟେନ୍ ରୀତାରାଣି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧାପିକା, ଅଧାପକ ଓ ଛାତ୍ରୀମାନେ ଯୋଗଦେଇଥିଲେ ।

### ସିଲେଇ ଟ୍ରେନିଂ ସେଣ୍ଟର ଉଦ୍‌ଘାଟିତ

ଦୁର୍ଗୀ,୨।୫(ଡି.ଏନ୍.ଏ.)-ଦୁର୍ଗୀଠାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟାମାନଙ୍କ ନିମନ୍ତେ ସିଲେଇ ଟ୍ରେନିଂ ସେଣ୍ଟର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ରୂପେ ବିଷମ କଟକ ବିଧାୟକ ତଥା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ଉପଦେଷ୍ଟା ସୁଧୀର କୁମାର ଦାସ ଏହାକୁ ଉଦ୍‌ଘାଟନ କରିଛନ୍ତି। ବିଷମ କଟକ ବିଡିଓ ଦୁର୍ଗୀ ଗ୍ରାମର ଏସ୍ଏଚଜି ସଭ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସ୍ଥାନୀୟ ଏମ୍‌ବିକେ ଶାନ୍ତିଲତା ପାଢ଼ୀ ଓ ତାଙ୍କ ସ୍ୱାମୀ ସାମାଜିକ କର୍ମୀ ଅନିଲ କୁମାର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ନେଇଥିବା ବେଳେ ଗ୍ରାମର ଯୁବଗୋଷ୍ଠି, ନବୀନ ଗୌଡ଼, କାଳିଆ ପାତ୍ର ଓ ଭବାନୀ ପାତ୍ର ସହଯୋଗ କରିଥିଲେ।

### ଶ୍ୱଶୁର ଘରେ ଜ୍ୱାଇଁଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଦଶମନ୍ତପୁର,୨।୫(ଡି.ଏନ.ଏ.)- ଦଶମନ୍ତପୁର ବ୍ଲକ ଗାଦିଆଗୁଡା ପଞ୍ଚାୟତ ବ୍ରାହ୍ମଣ ଶୁକୁ ଗ୍ରାମସ୍ଥିତ ଶ୍ୱଶୁର ଘରେ ଜ୍ୱାଇଁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଡୁମ୍ବାଗୁଡା ପଞ୍ଚାୟତ ବଡ଼ ବାଗ୍ରି ଗ୍ରାମର ପିଲ ପରଜା (୨୨)। ପିଲ ଗତ ୪ ବର୍ଷ ତଳେ ବିବାହ କରିଥିବା ବେଳେ କିଛିଦିନ ତଳେ ସ୍ତ୍ରୀଙ୍କ ସହ ଶ୍ୱଶୁର ଘରକୁ ଆସିଥିଲେ। ତେବେ ସେ କେଉଁ କାରଣରୁ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ। ଗ୍ରାମବାସୀଙ୍କ ଉପସ୍ଥିତିରେ ମୃତଦେହ ଦାହ କରିଦେବାକୁ ବଡ଼ ବାଗ୍ରିରେ ସମ୍ପର୍କିୟମାନଙ୍କୁ ଖବର ଦିଆଯାଇଥିଲା। ଆମ୍ବୁଲାନ୍ସରେ ମୃତଦେହ ଗାଁକୁ ଯାଉଥିବା ଖବରପାଇ କୋରାପୁଟ ସଦର ପୋଲିସ ଦଶମନ୍ତପୁର ଥାନାକୁ ସୂଚନା ଦେଇଥିଲା। ପରେ ପୋଲିସ ଆମ୍ବୁଲାନ୍ସ ସହ ମୃତଦେହକୁ ଥାନାରେ ଅଟକ ରଖିଛି। ବୁଧବାର ତଦନ୍ତ ପରେ ବ୍ୟବଚ୍ଛେଦ କରି ପରିବାରକୁ ଦିଆଯିବ ବୋଲି ପୋଲିସ କହିଛି।

# ଜିଲ୍ଲାର ପ୍ରଥମ ମିଶନ ଶକ୍ତି କାଫେ ଉଦ୍‌ଘାଟିତ

ବିଷମକଟକ,୨।୫(ଡି.ଏନ୍.ଏ.)


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଅନ୍ୟମାନେ ।

ରାୟଗଡା ଜିଲା ବିଷମକଟକରେ ମଙ୍ଗଳବାର ଜିଲାର ପ୍ରଥମ ମିଶନ ଶକ୍ତି କାଫେ ଉଦ୍‌ଘାଟିତ ହୋଇଛି। ବିଷମକଟକ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମିତ ଏହି କାଫେକୁ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଜିଲାପାଳ ସ୍ୱାଧାଦେବ ସିଂ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର କୁମାର ଦାସ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନୁସୟା ମାଝି, ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ବିଷମ କଟକ ବ୍ଲକ ଅଧକ୍ଷା ଯଶୋଦା ହୁଇକା, ଜିଲା ପରିଷଦ ସଦସ୍ୟା ସୁଜାତା କାଡ୍ରାକା, ଉପାଧକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ନମିତା କୁଲସିକା ପ୍ରମୁଖ ଯୋଗ ଦେଇଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କ ଦ୍ୱାରା ଏହି କାଫେ ପରିଚାଳନା କରାଯିବ। ଏଠାରେ ଭଳିକି ଭଳି ଖାଦ୍ୟ ପରସାଯିବା ବ୍ୟବସ୍ଥା କରାଯାଇଛି ।

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି କର୍ମନିଯୁକ୍ତି ଯୋଜନାରେ ଏହି ଲୋକାଭିମୁଖୀ ପ୍ରକଳ୍ପଟି ପ୍ରାୟ ୨୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ପ୍ରକଳ୍ପ ନିର୍ମାଣର ସିଂହଭାଗ ରାଶି ଏମ୍‌ଜିଏନ୍ଆର୍‌ଇଜିଏସ୍ ଅନ୍ତର୍ଗତ ହୋଇଥିବା ହେତୁ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବିଷମକଟକ ବ୍ଲକ ପ୍ରଶାସନ ଏବଂ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାତ୍ର ୪ ମାସ ମଧରେ କାଫେ ନିର୍ମାଣ ସଂପୂର୍ଣ୍ଣ କରାଯାଇଛି। ସ୍ୱଳ୍ପ ସମୟ ମଧରେ ନିର୍ମାଣ କାର୍ଯ୍ୟ ସରିଥିବାରୁ ଉପସ୍ଥିତ ଅତିଥିମାନେ ପ୍ରଶଂସା କରିଥିଲେ। ଏହାପରେ ବିଷମକଟକ ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମିତ ସେଲଫି ପଏଣ୍ଟକୁ ମନ୍ତ୍ରୀ ଲୋକାର୍ପଣ କରିଥିଲେ। ସେଠାରୁ ମନ୍ତ୍ରୀ ଏବଂ ଅତିଥିମାନେ କୁତ୍ରାଗଡା ଗ୍ରାମକୁ ଯାଇ ସ୍ୱୟଂ ସହାୟିକା ଗୋଷ୍ଠୀ କର୍ମଶାଳା କେନ୍ଦ୍ର, ହାଟମୁନିଗୁଡା ପଞ୍ଚାୟତରେ ଏସ୍ଏଚଜି ସଭ୍ୟାଙ୍କ ନିମନ୍ତେ ଟେଲରିଂ ଟ୍ରେନିଂ କେନ୍ଦ୍ର,ସାପ୍ତାହିକ ହାଟ, ପଞ୍ଚାୟତ ବିଶ୍ରାମ କକ୍ଷ ଏବଂ ଦୁର୍ଗୀଠାରେ ଟେଲରିଂ ଟ୍ରେନିଂ ସେଣ୍ଟର ଉଦ୍‌ଘାଟନ କରିଛନ୍ତି । ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାସିବ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ କାର୍ଯକ୍ରମ ଆୟୋଜିତ ହୋଇଥିଲା । ସହକାରୀ ଯନ୍ତ୍ରୀ ପ୍ରତିଶ ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ବେହେରା, ଗୋପୀନାଥ ମହାଲ୍କୁଡ, ଓପିଲିପି ପ୍ରୋଗ୍ରାମ ମ୍ୟାନେଜର ସୁଦର୍ଶନ ପାଢୀ, ଶିବ ଓରାମ, ଦିପକ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ପଞ୍ଚାୟତ ସମିତି ବୈଠକ ରଦ୍ଦ

ବୋରିଗୁମ୍ମା,୨।୫(ଡି.ଏନ୍.ଏ.)

ବୋରିଗୁମ୍ମା ବ୍ଲକରେ ମଙ୍ଗଳବାର ପୂର୍ବ ନିର୍ଦ୍ଧାରିତ ଅନୁସାରେ ପଞ୍ଚାୟତ ସମିତି ବୈଠକ ପାଇଁ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟଙ୍କ ସହ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ବ୍ଲକ ଅଧକ୍ଷା ଦୀପ୍ତିମୟୀ ନାୟକଙ୍କ ସହ ଅନ୍ୟ ସମିତି ସଭ୍ୟମାନେ ବୈଠକ ବର୍ଜନ କରିବାରୁ ବୈଠକକୁ ବ୍ଲକ ପ୍ରଶାସନ ରଦ୍ଦ କରିଛି। ବୈଠକ ପୂର୍ବରୁ ବ୍ଲକ ଅଧକ୍ଷାଙ୍କ ସହ ଅନ୍ୟ ସମିତି ସଭ୍ୟମାନେ ସ୍ଥାନୀୟ ଡାକବଙ୍ଗଳା ଠାରେ ଏକାଠି ହୋଇଥିଲେ। କୌଣସି ସୂତ୍ରରୁ ଖବରପାଇ ବ୍ଲକ ପ୍ରଶାସନର ଅଧିକାରୀ ସହକାରୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀ, ଏବିଡିଓ ମାଧୁରୀ ଆଚାରୀ, ଜିପିଇଓ ସୁମନ୍ତ ବିଶ୍ୱାଳ ପ୍ରମୁଖ ସେଠାକୁ ଯାଇ ବ୍ଲକ ଅଧକ୍ଷାଙ୍କ ସହ ଅନ୍ୟ ମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେମାନେ ବ୍ଲକ ପ୍ରଶାସନର ମନୋମୁଖୀ କାର୍ଯ୍ୟ ପାଇଁ ବୈଠକରେ ଯୋଗ ଦେବୁ ନାହିଁ ବୋଲି ମନା କରି ଦେଇଥିଲେ। ବିଡ଼ିଓ ଓ ଅନ୍ୟ ଅଧିକାରୀ ମାନେ ନିର୍ବାଚିତ ସମିତି ସଭ୍ୟଙ୍କୁ ଅଣଦେଖା କରୁଥିବା ସମିତି ସଭ୍ୟ ମାନେ ଅଭିଯୋଗ କରିଛନ୍ତି। ସମିତି ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ଜିଲା ପରିଷଦ ସଭ୍ୟ ପ୍ରସାଦ ବିଡିକା, ପିଙ୍କୁ ଶତପଥୀ, କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ରାମଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗ ଦେବାକୁ ଆସିଥିବା ବେଳେ ଅଧକ୍ଷା ଓ ସମିତି ସଭ୍ୟମାନେ ନ ଆସିବାରୁ ବୈଠକ ରଦ୍ଦ ହୋଇଛି।

# ରସାୟନ ବିଜ୍ଞାନ ବିଭାଗର ସେମିନାର



ଗୁଣପୁର,୨।୫(ଡି.ଏନ.ଏ.)

ଗୁଣପୁର ମହାବିଦ୍ୟାଳୟର ରାସାୟନ ବିଜ୍ଞାନ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଜି. ମହେଶ୍ୱରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ସତ୍ୟନାରାୟଣ ସାହୁ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ ରାସାୟନ ବିଜ୍ଞାନରେ ବୃତ୍ତିର ସୁଯୋଗ ପ୍ରସଙ୍ଗ ଉପରେ ସମ୍ୟକ ଆଲୋଚନା କରିଥିଲେ । ରସାୟନ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କଲା ପରେ ଛାତ୍ରୀଛାତ୍ର କେଉଁ ଦିଗକୁ ଅଧିକ ଗୁରୁତ୍ୱ ଦେବେ ତାହା ଉପରେ ଆଲୋକପାତ କରିଥିଲେ। ରସାୟନ ବିଭାଗର ମୁଖ୍ୟ ଶଶୀଭୁଷଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଠଚକ୍ର ସମ୍ପାଦକ ଆକାଶ ଲିମା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗଜେନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗ ତରଫରୁ ସାହୁଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରୀ ଛାତ୍ର ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସମସ୍ତ କର୍ମଚାରୀଙ୍କୁ ଅଧକ୍ଷ ରାଓ ଧନ୍ୟବାଦ ଜଣାଇଥିଲେ ।

# ଲୋକଙ୍କ ପାଇଁ ଆନ୍ଦୋଳନ କରିବି:ମକରନ୍ଦ

## ସରକାରଙ୍କ ବିରୋଧରେ ଗର୍ଜିଲେ ରାୟଗଡ଼ା ବିଧାୟକ

ରାୟଗଡ଼ା,୨।୫(ସ୍ୱ.ପ୍ର.)



ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ସୋମବାର ଜିଲାସ୍ତରୀୟ ଶ୍ରମିକ ଦିବସ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଛନ୍ତି। ଜିଲା ତଥା ରାଜ୍ୟରେ ଦୁର୍ନୀତି ବଢ଼ିଚାଲିଛି। ଦଲାଲ୍ ସରକାରୀ କାର୍ଯ୍ୟାଳୟ ଚଳାଉଛନ୍ତି। ଗରିବ ଲୋକେ ଶୋଷଣର ଶିକାର ହେଉଥିବା ବେଳେ ଶ୍ରମିକ ଦାଦନ ଖଟିବାକୁ ଯାଉଛନ୍ତି। ଶ୍ରମିକମାନେ ସରକାରଙ୍କ ନିର୍ଦ୍ଧାରିତ ମଜୁରି ପାଉନାହାନ୍ତି। ଏପରି ପ୍ରତ୍ୟେକ କଥାରେ ଉଦାହରଣ ଦେଇ ଲୋକଙ୍କ ପାଇଁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଧାୟକ ଘୋଷଣା କରିଛନ୍ତି। ସ୍ୱାଧୀନ ବିଧାୟକ ମୁଦୁଲିଙ୍କ ଏହି ବିରୋଧାଭାସ ରାଜନୈତିକ ମହଲରେ ଗୁଞ୍ଜରଣ ସୃଷ୍ଟି କରିଛି।

ଶ୍ରମିକ ଦିବସ କାର୍ଯ୍ୟକ୍ରମରେ ବିଧାୟକ ପ୍ରଥମେ ଜିଲା ପ୍ରଶାସନ ଓ ପରେ ରାଜ୍ୟ ସରକାରଙ୍କୁ ସିଧା ଟାର୍ଗେଟ କରିଥିଲେ। ଏମ୍‌ଜିଏନ୍ଆର୍‌ଇଜିଏସ୍‌ରେ ଅର୍ଥ ଲୁଟ ହେଉଛି। ଜଳଛାୟା ମିଶନ ଓ ଉଦ୍ୟାନ ବିଭାଗରେ ହଜାରେ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ମୁଦୁଲି କହିଛନ୍ତି। ନିକଟରେ ଜଳଛାୟା ମିଶନର ଜଣେ ଅଧିକାରୀଙ୍କୁ ଭିଜିଲାନ୍ସ ଗିରଫ କରିବା ଏହାର ପ୍ରମାଣ ବୋଲି କହିଛନ୍ତି। ଲୋକଙ୍କ ନାମରେ ନକଲି ଜବ୍ କାର୍ଡ, ନକଲି ବ୍ୟାଙ୍କ ଆକାଉଣ୍ଟ ପ୍ରସ୍ତୁତ କରାଯାଇ କୋଟି କୋଟି ଟଙ୍କା ହଡପ ଚାଲିଛି। ବିଭିନ୍ନ ବୈଠକରେ ଏହି ପ୍ରସଙ୍ଗ ଉଠାଇଥିଲେ ମଧ କୌଣସି ଅଫିସର ଶୁଣୁ ନାହାନ୍ତି। କାମ ନ ପାଇ ଗରିବ ଲୋକେ ଦାଦନ ଖଟିବାକୁ ଯାଇ ସମସ୍ୟାରେ ପଡୁଥିବାରୁ ସେ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯେ ପର୍ଯ୍ୟନ୍ତ ସାଧାରଣ ଲୋକ ଓ ସଚେତନ ନାଗରିକ ଏ ସବୁ ନେଇ ସରକାରଙ୍କୁ ପ୍ରଶ୍ନ ନ କରିବେ ସେ ପର୍ଯ୍ୟନ୍ତ ଏଭଳି ହରିଲୁଟ ଚାଲିଥିବ। ତେଣୁ ଲୋକଙ୍କ ସହିତ ଆନ୍ଦୋଳନ କରିବାକୁ ବାହାରିବେ ବୋଲି ବିଧାୟକ ମୁଦୁଲି କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ନିର୍ବାଚନରେ ବିଜୟୀ ହେବା ପରେ ମକରନ୍ଦ ବିଜେଡିକୁ ସମର୍ଥନ କରୁଥିଲେ। ଦୀର୍ଘ ୫୦ ମାସ ହେବ ଶାସକ ଦଳ ପାଇଁ ସମର୍ଥନ ଜଣାଇ ଆସୁଥିବା ମୁଦୁଲିଙ୍କ ୟୁ-ଟର୍ନ ବିଜେଡିର ଦଳୀୟ ନେତାଙ୍କୁ ଅଡ଼ୁଆରେ ପକାଇଛି। ଅନ୍ୟପକ୍ଷରେ ଶ୍ରମିକ ଦିବସ କାର୍ଯ୍ୟକ୍ରମର ପ୍ରେସ୍ ବିଜ୍ଞପ୍ତି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୋମବାର ରାତି ୮ଟା୨୪ରେ ହ୍ୱାଟ୍ସ ଆପ୍‌ରେ ଗଣମାଧ୍ୟମକୁ ପ୍ରଦାନ କରାଯାଇଥିଲା । ସେଥିରେ ବିଧାୟକ ମୁଦୁଲିଙ୍କ ନାମ ବାଦ୍ ଦେଇ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନାମ ମୁଖ୍ୟ ଅତିଥି ଉଲ୍ଲେଖ ଥିଲା। ଏ ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କୁ ପଚାରିବାରେ ପ୍ରେସ୍ ବିଜ୍ଞପ୍ତି ଶ୍ରମ ବିଭାଗ ପକ୍ଷରୁ ଦିଆଯାଇଥିଲା, ତେଣୁ ବିଭାଗ ପକ୍ଷରୁ ଦିଆଯାଇଥିବା ଲେଖାକୁ ସେ ଗ୍ରୁପରେ ପୋଷ୍ଟ କରିଛନ୍ତି ବୋଲି କହିଥିଲେ। ତେବେ ସରକାର ଓ ଜିଲା ପ୍ରଶାସନ ବିରୋଧରେ ବିସ୍ଫୋରକ ମନ୍ତବ୍ୟ ଦେବା ପରେ ବିଧାୟକଙ୍କ ନାମକୁ ବାଦ୍ ଦିଆଗଲା କି ବୋଲି ଚର୍ଚ୍ଚା ହେଉଛି ।

# ନଳକୂପ ଚାରିପଟ ସଫା ହେଲା

## ଧରିତ୍ରୀ ପ୍ରଭାବ



ନନ୍ଦାହାଣ୍ଡି,୨।୫(ଡି.ଏନ୍.ଏ)

ପଞ୍ଚାୟତ ପକ୍ଷରୁ ଡ୍ରେନ୍ ସଫା କରାଯାଉ ନ ଥିଲା। ଏହା ମଧରେ ଅଦିନିଆ ବର୍ଷା ଯୋଗୁ ପଡ଼ାଲଗୁଡ଼ା ଗ୍ରାମ ଚାରିଛକରେ ଥିବା ନଳକୂପ ନିକଟରେ କାଦୁଅ ଏବଂ ମଇଳା ପାଣି ଜମା ହେଉଥିବାରୁ ଲୋକେ ପାଣି ବ୍ୟବହାର କରିବାରେ ଅସୁବିଧା ହେଉଥିବା ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଏ ଦିଗରେ ପଦକ୍ଷେପ ନେଇଥିଲେ। ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ଉକ୍ତ ଜାଗାଟିକୁ ସଫା କରେଇବା ବ୍ୟବସ୍ଥା କରାଇଛନ୍ତି । ପଡ଼ାଲଗୁଡ଼ା ଗ୍ରାମବାସୀ ବିଡିଓଙ୍କୁ ସାଧୁବାଦ ଜଣାଇଛନ୍ତି। ପ୍ରଦୂଷିତ ସ୍ଥାନର ସଫେଇ ଏକ ଅସ୍ଥାୟୀ ସମାଧାନ। ଡ୍ରେନ୍ ପୂରା ସଫା ନ ହେଲେ ଅଳ୍ପଦିନରେ ଏହି ସମସ୍ୟା ପୁଣି ଥରେ ଦେଖାଦେବ। ତେଣୁ ଅତିଶୀଘ୍ର ଡ୍ରେନ ସଫା କରାଯାଉ ବୋଲି ଗ୍ରାମବାସୀ କହିଛନ୍ତି।

# ଅବିଭକ୍ତ କୋରାପୁଟ ଜିଲା ବନବାସୀ ବିକାଶ ପରିଷଦ ମହାସଂଘର ଦାବିପତ୍ର

କୋରାପୁଟ,୨।୫(ସ୍ୱ.ପ୍ର.)

ଓଡିଶା ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତିକୁ ନେଇ ଗତ ୧ ତାରିଖରୁ ସର୍ଭେ ଆରମ୍ଭ ହେବ। ଅବିଭକ୍ତ କୋରାପୁଟ ଜିଲା ବନବାସୀ ବିକାଶ ପରିଷଦ ମହାସଂଘ ଏଥିରେ ଅସହଯୋଗ କରିବ ବୋଲି ମହାସଂଘ ଉପସଭାପତି ଦାଶରଥି ମାଳି କହିଛନ୍ତି। ଆଗାମୀ ଦିନରେ ମହାସଂଘ ପକ୍ଷରୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅବଦାଲ ଏମ. ଅଖତରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯିବ। ଏହି ଅବସରରେ କମାର ସମାଜର ଜିଲା ସଭାପତି ଭଗବାନ ଗୋଲରୀ, ମାଳି ସମାଜ ସମ୍ପାଦକ ଦୈତାରୀ ଖିଲ, ଦୋରା ସମାଜ ସଭାପତି ବୈଦ୍ୟନାଥ ଗେମେଲ, ଦୁର୍ଯ୍ୟ ମାଳିଙ୍କ ସମେତ ଅନ୍ୟମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ନବରଙ୍ଗପୁରରେ ପଛୁଆ ବର୍ଗ ସର୍ଭେ ଆରମ୍ଭ

ନବରଙ୍ଗପୁର,୨।୫(ବି.ପ୍ର.)

ଓଡ଼ିଶାରେ ପଛୁଆ ବର୍ଗ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଓଡିଶାର ପଛୁଆ ବର୍ଗର ସର୍ଭେ ମେ ୧ରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ବିହାର ପରେ ଦେଶର ଦ୍ୱିତୀୟ ରାଜ୍ୟଭାବେ ଓଡ଼ିଶାରେ ଏହି ସର୍ଭେ କରାଯାଉଛି। ଏହି କ୍ରମରେ ନବରଙ୍ଗପୁର ଜିଲାର ୧୦ ବ୍ଲକ ଓ ୨ ପୌରପାଳିକାରେ ସର୍ଭେ କରାଯାଉଛି। ଜିଲାର ୫୧୪ଟି ସର୍ଭେ କେନ୍ଦ୍ର କରାଯାଇଛି। ଅଙ୍ଗନୱାଡି କର୍ମୀମାନେ ଏହି ସର୍ଭେ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ପଛୁଆ ବର୍ଗର ଲୋକଙ୍କ ବର୍ତ୍ତମାନର ସାମାଜିକ ତଥା ଶିକ୍ଷାଗତ ସ୍ଥିତିର ଚିତ୍ର ପାଇବା ଏହି ସର୍ଭେର ଉଦ୍ଦେଶ୍ୟ। ଓଡ଼ିଶା ରାଜ୍ୟ କମିଶନ ଫର ପଛୁଆ ବର୍ଗ (ଓଏସ୍‌ବିସି) ଅଧିନିୟମ, ୧୯୯୩ ଏବଂ ଓଏସ୍‌ବିସି (ସଂଶୋଧନ) ଅଧିନିୟ, ୨୦୨୦ ର କ୍ଷମତା ଅନୁଯାୟୀ ଏହି ସର୍ଭେ କରାଯାଉଛି। ଏହି ବ୍ୟବସ୍ଥା ଅନୁଯାୟୀ ସର୍ଭେ ସମୟରେ ପରିବାରର ମୁଖ୍ୟ କିମ୍ବା କୌଣସି ବରିଷ୍ଠ ବ୍ୟକ୍ତି ପରିବାର ତଥ୍ୟ ପ୍ରଦାନ କରିପାରିବେ। ସର୍ଭେରେ ପରିବାରଗୁଡିକର ରାସନ, ଆଧାର କାର୍ଡ କିମ୍ବା ସେମାନଙ୍କ ସଦସ୍ୟଙ୍କ ଭୋଟର ପରିଚୟ ପତ୍ରର ବିବରଣୀ ପ୍ରଦାନ କରାଯିବ। ରାସନ କାର୍ଡ ନ ଥିବା ପଛୁଆ ବର୍ଗ ପରିବାର ମଧ ସର୍ଭେରେ ସେମାନଙ୍କର ବିବରଣୀ ପ୍ରଦାନ କରି ପାରିବେ। ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ ୨୦୮ ପଛୁଆ ବର୍ଗ ସମ୍ପ୍ରଦାୟର ସାମାଜିକ ତଥା ଶିକ୍ଷାଗତ ଯୋଗ୍ୟତା ସଂଗ୍ରହ କରାଯିବ। ଯେଉଁମାନେ ବାଦ ପଡିଯିବେ ସେମାନଙ୍କୁ ସାମିଲ କରିବା ପାଇଁ ଏକ ସ୍ୱତନ୍ତ୍ର ସର୍ଭେ ଡ୍ରାଇଭ୍ ମଧ କରାଯିବ। ପୂର୍ବରୁ ସର୍ଭେ ପାଇଁ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନର ଓ ସୁପରଭାଇଜର, ଗଣନାକାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଜିଲାସ୍ତରୀୟ ଅଧିକାରୀମାନେ ପଛୁଆ ବର୍ଗ ସର୍ଭେ ପାଇଁ ତାଲିମ ପ୍ରଦାନ କରିଥିଲେ ବୋଲି ଜିଲାପାଳ କମଳ ଲୋଚନ ମିଶ୍ର ସୂଚନା ଦେଇଛନ୍ତି।

# ନିୟମିତ ଦାବି କଲା ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ

ରାୟଗଡ଼ା(ସ୍ୱ.ପ୍ର.)/ ରାୟଗଡ଼ା ଅଫିସ,୨।୫

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ସତ୍ତ୍ୱେ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଶିକ୍ଷକମାନେ ବର୍ତ୍ତମାନ ପର୍ଯ୍ୟନ୍ତ ନିୟମିତ ହୋଇନାହାନ୍ତି। ତେଣୁ ସରକାରୀ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ପାଇଁ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ, ରାୟଗଡ଼ା ଜିଲା ପକ୍ଷରୁ ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚୁକ୍ତିଭିତ୍ତିକ ଶିକ୍ଷକମାନେ ସୋମବାର ଶୋଭାଯାତ୍ରାରେ ବାହାରି ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରଛନ୍ତି। ରାଜ୍ୟ ସରକାରଙ୍କ ଘୋଷଣା ପ୍ରକାରେ ୨୦୧୩ ପ୍ରତ୍ୟାହାର ନିୟମ ଅନୁଯାୟୀ, ୨୦୧୬ରୁ ୨୦୨୨ ମଧରେ ନିଯୁକ୍ତି ପାଇଥିବା ସମସ୍ତ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ୍ୟ। ତେଣୁ ଗଣଶିକ୍ଷା ବିଭାଗ ଯଥାଶୀଘ୍ର ଏଥିପ୍ରତିଧ୍ୟାନ ଦେଇ ସରକାରଙ୍କ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ସଂଘ ଦାବିପତ୍ରରେ ଉଲ୍ଲେଖ କରିଛି। ୫ ଦିନ ଭିତରେ ଏହାର କୌଣସି ସମାଧାନ କରା ନ ଗଲେ ଆସନ୍ତା ୮ ତାରିଖରୁ ରାଜ୍ୟ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି କୁହାଯାଇଛି ।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନେ।

# ପୂର୍ବତନ ଜିଲା ବୈଦିକ ବ୍ରାହ୍ମଣ ସମାଜ ସଭାପତିଙ୍କ ପରଲୋକ

ମାଲକାନଗିରି,୨।୫(ଡି.ଏନ.ଏ.)–

ମାଲକାନଗିରି ଜିଲା ବୈଦିକ ବ୍ରାହ୍ମଣ ସମାଜର ପୂର୍ବତନ ସଭାପତି ଗୁପ୍ତେଶ୍ୱର ପ୍ରସାଦ ପଣ୍ଡାଙ୍କ ପରୋଲୋକ ହୋଇଛଇ। ଗୁପ୍ତେଶ୍ୱର ଜଣେ ନିର୍ଭିକ, ସଚୋଟ, ସାହସୀ ଭାରତୀୟ ସୈନିକ ଥିଲେ। ନିଜ ଜୀବନର ଆଦ୍ୟ ଅବସ୍ଥାକୁ ସେ ଭାରତମାତାଙ୍କ ସେବାରେ ଉତ୍ସର୍ଗ କରିଥିଲେ। ଜୀବନର ଶେଷ ସମୟରେ ସେ ଜଗନ୍ନାଥ ମନ୍ଦିରରେ ମୁଖ୍ୟ ସେବାୟତ ଓ ଜିଲା ବୈଦିକ ବ୍ରାହ୍ମଣ ସମାଜର ସଭାପତି ରୂପେ କାର୍ଯ୍ୟ କରୁଥିଲେ। ସମାଜସେବା ସହ ଜିଲାର ଉନ୍ନତି ଦିଗରେ ସେ ଚିନ୍ତା କରୁଥିଲେ। ତାଙ୍କ ମୃତ୍ୟୁ ଜିଲା ପାଇଁ ଅପୂରଣୀୟ କ୍ଷତି ବୋଲି ଆୟୋଜିତ ସ୍ମୃତିସଭାରେ ମତ ପ୍ରକାଶ ପାଇଛି।

# ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ବାର୍ଷିକ ଉତ୍ସବ

ଗୁଣପୁର/ପଦ୍ମପୁର,୨।୫(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଟାଉନ ହଲ୍‌ଠାରେ ସୋମବାର ଓଡିଶା କର୍ମଜିବୀ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅନିଲ କୁମାର ସାହୁକାରଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଓଡିଶା ଶାଖାର ସଭାପତି ସୁଜ୍ଞାନ ଚୌଧୁରୀ ସ୍ୱତନ୍ତ୍ର ଅତିଥି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧିର ଦାସ ମୁଖ୍ୟ ଅତିଥି, ସମାଜସେବୀ ଅକ୍ଷୟ ଦାସ ମୁଖ୍ୟବକ୍ତା, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଆଇଇଟି ବିଶ୍ୱ ବିଦ୍ୟାଳୟର ଉପସଭାପତି ଡ.ଚନ୍ଦ୍ରଧ୍ୱଜ ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରି ଧନଞ୍ଜୟ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜ ସେବା କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ସଞ୍ଜୟ ସାହୁ, ଦୟାନିଧି ବାରିକ, ପିଙ୍କି ମହାପାତ୍ର, ଖବରଦାତା ପ୍ରଶାନ୍ତ କୁମାର କର ଏବଂ ସ୍କୁଲଗୁଡିକୁ ପଙ୍ଖା ପ୍ରଦାନରେ ଜିଲାରେ ପ୍ରଥମ ହୋଇଥିବା ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଜଗନ୍ନାଥ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ପୁନର୍ଗଠନ ହୋଇପାରୁନି ଜିଲା କ୍ରୀଡ଼ା ସଂସଦ

## ନିରୁତ୍ସାହିତ ପ୍ରତିଭାଶାଳୀ କ୍ରୀଡ଼ାବିତ

ରାୟଗଡ଼ା,୨।୫(ସ୍ୱ.ପ୍ର.)


ଅଭିଯୋଗ ଜଣାଇବାକୁ ଆସିଥିବା କ୍ରୀଡ଼ାବିତ୍‌ମାନେ।

ରାଜ୍ୟ ସରକାର ଯୁବ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ରାୟଗଡ଼ା ଜିଲାରେ ପ୍ରଶାସନ ଓ କ୍ରୀଡ଼ା ବିଭାଗର ଆନ୍ତରିକତା ଅଭାବ ଯୋଗୁ ବହୁ ପ୍ରତିଭାଶାଳୀ କ୍ରୀଡ଼ାବିତ ପ୍ରୋତ୍ସାହିତ ହୋଇପାରୁନାହାନ୍ତି। ଶୀଘ୍ର ଜିଲା କ୍ରୀଡ଼ା ସଂସଦ ଗଠନ ପାଇଁ ସୋମବାର ଜିଲାର କ୍ରୀଡ଼ାବିତମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ଜିଲାରେ ଦୀର୍ଘ ବର୍ଷ ଧରି କ୍ରୀଡ଼ା ସଂସଦ କେତେଜଣ ମୁଷ୍ଟିମେୟ ବ୍ୟକ୍ତିଙ୍କ ହାତରେ ରହିଥିବାରୁ ବହୁ କ୍ରୀଡ଼ାବିତ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିଲେ। ଆର୍ଥିକ ଅଭାବରୁ ସେମାନେ ପ୍ରତିଭା ପ୍ରଦର୍ଶନ କରିପାରୁ ନଥିବା ଅଭିଯୋଗ ହୋଇଥିଲା। ଦୀର୍ଘଦିନ ଧରି ସ୍ଥାଣୁ ପାଲଟିଥିବା ଜିଲା କ୍ରୀଡ଼ା ସଂସଦକୁ ଭଙ୍ଗ କରି ନୂତନ ସଂସଦ ଗଠନ କରିବାକୁ ଜିଲାପାଳ ସ୍ୱାଧାଦେବ ସିଂ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଅତିରିକ୍ତ ଜିଲାପାଳ ଏ ନେଇ ଜିଲାର ସମସ୍ତ କ୍ରୀଡ଼ାବିତମାନଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇବା ସହ ସଂସଦରେ ନିଜ ନାମ ପଞ୍ଜୀକରଣ ପାଇଁ ଆବେଦନ କରିବାକୁ କହିଥିଲେ। ହେଲେ ଏ ନେଇ କ୍ରୀଡ଼ା ବିଭାଗର ଆନ୍ତରିକତା ଅଭାବ ଦେଖାଦେବାରୁ କ୍ରୀଡ଼ାବିତ୍‌ମାନେ ପୁଣି ଜିଲାପାଳଙ୍କୁ ଫେରାଦ ହୋଇଥିଲେ। କ୍ରୀଡ଼ା ସଂସଦ ଗଠନ ବିଳମ୍ବ ଜାଣିବା ପରେ ଜିଲା କ୍ରୀଡ଼ା ଅଧିକାରୀ ଶେଖ୍ ଆଲିନୁରଙ୍କ ଉପରେ ଜିଲାପାଳ ଅସନ୍ତୋଷ ପ୍ରକାଶ କରିବା ସହିତ ଶୀଘ୍ର ସଂସଦ ଗଠନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲା କ୍ରୀଡ଼ା ଅଧିକାରୀଙ୍କୁ ବିଳମ୍ବର କାରଣ ପଚାରିବାରୁ ଏକ ମାସ ମଧରେ କ୍ରୀଡ଼ା ସଂସଦ ଗଠନ ପାଇଁ ନିର୍ବାଚନ ପ୍ରକ୍ରିୟା ହେବ ବୋଲି କହିଛନ୍ତି। ଅନ୍ୟପଟେ ଆଗାମୀ ୧୦ ଦିନ ମଧରେ କ୍ରୀଡ଼ା ସଂସଦ ଗଠନ ନେଇ କୌଣସି ଚୂଡ଼ାନ୍ତ ନ ହୁଏ ତେବେ ଜିଲାର କ୍ରୀଡ଼ାବିତମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩ ମେ, ୨୦୨୩

**ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ**

ବାଲିମେଳା,(ଡି.ଏନ.ଏ.)- ମାଲକାନଗିରି ଜିଲା ଓର୍କେଲ ଥାନା ଅଧିନ ଏକ ଗ୍ରାମରେ ଜଣେ ଯୁବକ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ନାବାଳିକାଙ୍କ ମାଆବାପା ଓର୍କେଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଖବରରୁ ଜଣାପଡିଛି, ସମ୍ପୃକ୍ତ ଗ୍ରାମର ଜଣେ ଯୁବକ ନାବାଳିକାଙ୍କୁ ଚକୋଲେଟ୍ ଦେବାର ପ୍ରଲୋଭନ ଦେଖାଇ ଏକ କଠୋରିକୁ ଡାକିନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ସେ ନାବାଳିକାଙ୍କୁ ଧମକଚମକ ଦେଇଥିଲେ। ଓର୍କେଲ ଥାନା ଅଧିକାରୀ ୧୪୦/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।



## ସଂକ୍ଷେପରେ

### ଚୋରି ମାମଲାର ପର୍ଦ୍ଦାଫାଶ, ୭ ଗିରଫ

ଜୟପୁର, ୨।୫ (ନି.ପ୍ର.)- ଜୟପୁର ଟାଉନଥାନା ପୋଲିସ ଦୁଇଟି ଚୋରି ମାମଲାର ପ୍ରର୍ଦ୍ଦାଫାଶ କରିଛି। ଜୟପୁର ସହରର ଜୟନଗର ଓ ଖାଲସାହି ଚୋରି ମାମଲାରେ ୭ଜଣଙ୍କୁ ଗିରଫ କରିଛି। ନିକଟରେ ଖାଲସାହିର ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ଘରୁ ଚୋରି ହୋଇଥିଲା। ଏହି ମାମଲାର ଅଭିଯୁକ୍ତମାନେ ହେଲେ ଛୋଟାଗୁଡାର ଗୁପ୍ତ ଦାସ (୩୦) ବାପୁଜୀନଗରର ହିରଣ ନାୟକ (୧୯), ଓଡିଆ ମେଦ୍ରୀସାହିର ସୁନିଲ ପରଜା (୨୩), ରାଜସ୍ଥାନର ଅଶୋକ ଜାଟ (୨୨)। ଗିରଫ ଅଭିଯୁକ୍ତଙ୍କଠାରୁ ୫୦ ହଜାର ଟଙ୍କା, ୯୦ ହଜାର ଟଙ୍କାର କ୍ୟାମେରା, ୨୦ ଗ୍ରାମ ସୁନା, ସିଲଭର ଜିନିଷ, ବେସଲେଟ ଚେନ୍, ଚୁଡି, ଭଗବାନଙ୍କ ମୂର୍ତ୍ତି ଆଦି ଜବତ ହୋଇଛି। ସେହିପରି ଜୟନଗରର କଳାକାର ସାମଲ ଙ୍କ ଘରୁ ଚୋରି ହୋଇଥିଲା। ଛୋଟାଗୁଡାଗ ଗୁପ୍ତ ଦାସ (୩୦), ବାପୁଜି ନଗରର ହିରଣ ନାୟକ (୧୯), ଜୟନଗରର ହର ବେହେରା (୩୯), ଛୋଟାଗଡାର ଏ. ହରିଶ ଜଡିତ ଥିବା ଜଣାପଡିଛି। ଏମାନଙ୍କଠାରୁ ତରଳ ସୁନା ୪୫ ଗ୍ରାମ ଜବତ ହୋଇଛି। ଦୁଇଟି ମାମଲାରେ ଗୁପ୍ତ ଓ ହିରଣ ରହିଥିବା ଜଣାପଡିଛି। ଘରେ କେହି ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଥିଲେ ବୋଲି ଟାଉନ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ହରିସ ବିସି କହିଛନ୍ତି। ଏହି ସମୟରେ ଟାଉନ ଥାନା ଅଧିକାରୀ ସମ୍ପିତ ବେହେରା ଉପସ୍ଥିତ ଥିଲେ।

### ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

କୋରାପୁଟ/ନନ୍ଦପୁର,୨।୫(ସ୍ୱ.ପ୍ର.)-କୋରାପୁଟ ଜିଲା ମାଛକୁଣ୍ଡ ପୋଲିସ ମଙ୍ଗଳବାର ୫୦୨ କେଜି ଗଞ୍ଜେଇ ଜବତ କରିଛି। ମାଛକୁଣ୍ଡ ଥାନା ଅନ୍ତର୍ଗତ ନୁଆପୁଟ ନଦୀଘାଟଠାରୁ ଏହି ଗଞ୍ଜେଇ ଅନ୍ୟତ୍ର ଚାଲାଣ ପାଇଁ (ଜିଜେ-୧୯ଏକ୍ସ-୪୬୧୦) ଟ୍ରକରେ ଲୋଡ ହେଉଥିବାବେଳେ ଖବରପାଇ ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ର ଚଢାଉ କରି ଏହାକୁ ଜବତ କରିଥିଲେ। ଯାଞ୍ଚ ବେଳେ ସିମେଣ୍ଟ ବସ୍ତା ତଳୁ ୨୦ ବସ୍ତା ଗଞ୍ଜେଇ ମିଳିଥିଲା। ପରେ ଏହାକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରିବାରୁ ଏହା ୫୦୨ କେଜି ହୋଇଥିଲା। ଜବତ ଗଞ୍ଜେଇର ବଜାର ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏନେଇ ମାଛକୁଣ୍ଡ ଥାନାରେ ୫୯/୨୦୨୩ରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଥିବା ଏସଡିପିଓ ମହାପାତ୍ର କହିଛନ୍ତି। ଚଢାଉରେ ନନ୍ଦପୁର ଏସ୍‌ଡିପିଓ ମହାପାତ୍ର ମାଛକୁଣ୍ଡ ଥାନା ଅଧିକାରୀ ଡମ୍ବରୁଧର ବାଗୋଡିଆ, ଲମତାପୁଟ ଏସଆଇ ଚିତରଞ୍ଜନ ପ୍ରଧାନୀଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

### କୋଲାବ ଜଳଭଣ୍ଡାରରୁ ଯୁବକଙ୍କ ମୃତଦେହ ଜବତ

ସୁନାବେଡା,୨।୫(ସ୍ୱ.ପ୍ର.)- ସୁନାବେଡା ଥାନା ଅଧୀନ ଟିମ୍ପର କୋଲାବ ଜଳଭଣ୍ଡାର ପୁରୁଣା ବ୍ରିଜ ନିକଟରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ମଙ୍ଗଳବାର ଜବତ କରିଛି। ମୃତ ଯୁବକ ଜଣକ ହେଲେ ସୁନାବେଡା ଡ଼ିପି କ୍ୟାମ୍ପ ଅଞ୍ଚଳର ଆର୍ତ୍ତତ୍ରାଣ ସ୍ୱାଇଁଙ୍କ ପୁଅ ଅମିତ୍ ବିକ୍ରମ (୨୧)। ସେ ଜୟପୁର ବିକ୍ରମଦେବ କଲେଜର +୩ର ତୃତୀୟ ବର୍ଷର ଛାତ୍ର ବୋଲି ଜଣାପଡିଛି। ଅମିତ୍ ଏପ୍ରିଲ ୨୯ରୁ ଘର ଛାଡ଼ି କୁଆଡେ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜଖୋଜି କରିବା ପରେ ତାଙ୍କୁ ନ ପାଇ ୩୦ରେ ସୁନାବେଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସୁନାବେଡା ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ସୋମବାର ସକାଳୁ କେହି ଜଣେ ଅମିତ୍‌ଙ୍କ ମୃତଦେହ ଜଳଭଣ୍ଡାରରେ ଭାସୁଥିବା ଦେଖି ସୁନାବେଡା ପୋଲିସକୁ ଖବର ଦେଇଥିଲା। ଏଏସ୍‌ଆଇ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଜଳଭଣ୍ଡାରରୁ ମୃତଦେହକୁ ଜବତ କରିଥିଲେ। ପରେ ଖବରପାଇ ଅମିତ୍‌ଙ୍କ ପରିବାର ଲୋକେ ପହଞ୍ଚି ତାଙ୍କୁ ଚିହ୍ନଟ କରିଥିଲେ। ଏନେଇ ସୁନାବେଡା ଥାନାରେ କେସ ନଂ. ୧୬/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି। ତେବେ ଅମିତ୍‌ଙ୍କ ମୃତ୍ୟୁର କାରଣ ଜଣାପଡିନ ଥିବା ଏଏସ୍‌ଆଇ ପାଣିଗ୍ରାହୀ କହିଛନ୍ତି।

### ମାଥିଲିରେ ଶ୍ରମିକ ଦିବସ

ମାଥିଲି,୨।୫ (ଡି.ଏନ.ଏ.)- ମାଲକାନଗିରି ଜିଲା ମାଥିଲିରେ ସୋମବାର ଶ୍ରମିକ ଦିବସ ପାଳିତ ହୋଇଛି। ପୃଥକ ପୃଥକ ଶୋଭାଯାତ୍ରା ଓ ସଭା କରି ଶ୍ରମିକମାନେ ସେମାନଙ୍କ ବିଭିନ୍ନ ସମସ୍ୟା ଆଲୋଚନା କରିଥିଲେ। ଏହି ଅବସରରେ ମାଥିଲି ବିଡିଓ ହୃଷୀକେଶ ଗଣ୍ଡ ଏବଂ ତହସିଲଦାର ଚନ୍ଦନ ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମେ ମାଲକାନଗିରି ଜିଲା ଆଦିବାସୀ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମାଥିଲିସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଭବନଠାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ବ୍ଲକ କାର୍ଯ୍ୟାଳୟ ଯାଇ ବିଡିଓ ଏବଂ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ମାଥିଲି ବ୍ଲକ ଅଞ୍ଚଳର ଶତାଧିକ ମିସ୍ତ୍ରୀଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# କୋରାପୁଟରେ ମା’ ମୁତ୍ୟାଲୁମ୍ମାଙ୍କ ନବଦିନ ଘଟଯାତ୍ରା ଆରମ୍ଭ

କୋରାପୁଟ,୨।୫(ସ୍ୱ.ପ୍ର.)

କୋରାପୁଟ ଜିଲା ପୋଲିସ ପକ୍ଷରୁ ସୋମବାର ମା’ ମୁତ୍ୟାଲୁମ୍ମାଙ୍କ ଘଟଯାତ୍ରା ଆରମ୍ଭ ହୋଇଛି। ସୋମବାର ରାତିରେ ଶତାଧିକ ଭକ୍ତଙ୍କ ଗହଣରେ ମା’ଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇ ପୋଲିସ କଲୋନୀଠାରେ ଥିବା ମା’ଙ୍କ ଅସ୍ଥାୟୀ ମଣ୍ଡପକୁ ଅଣାଯାଇଥିଲା। ପ୍ରତି ଦୁଇ ବର୍ଷରେ ଜିଲା ପୋଲିସ ପୂଜା କମିଟି ପକ୍ଷରୁ ମା’ ମୁତ୍ୟାଲୁମ୍ମାଙ୍କ ଘଟଯାତ୍ରା ଅନୁଷ୍ଠିତ ହେଉଛି। ମଣ୍ଡପଠାରୁ ମା’ଙ୍କୁ ଆବାହନ କରି ପୋଲିସ ଆରଆଇ ସୁବାଷ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଆଣ୍ଣାମାଳ ଆସିଥିଲା। ଶତାଧିକ ପୋଲିସ କର୍ମଚାରୀ ଓ ଶ୍ରଦ୍ଧାଳୁମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ମା’ଙ୍କୁ ଟିକିରାସାହିସ୍ଥିତ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ମା’ଙ୍କ ପୁଜକ ବାଲକୃଷ୍ଣ ରାଓ ଓ ଚିନା ରାଓ ମା’ଙ୍କ



ମା’ଙ୍କଘଟ ସହର ପରିକ୍ରମା କରୁଛି।

**ଶୋଭାଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମ**

ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ କୋରାପୁଟ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକାର ଉପସ୍ଥିତ ଥିଲେ। ଏହି ଅବସରରେ କୋରାପୁଟ ଏସଡିପିଓ ମନୋଜ ପୂଜାରୀ, ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ, ପୋଲିସ ସଂଘ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ମଙ୍ଗଳବାରଠାରୁ ମା’ଙ୍କ ନବଦିନ ଘଟଯାତ୍ରା ଆରମ୍ଭ ହେବ। ପ୍ରତିଦିନ ରାତିରେ ମା ସହରର ବିଭିନ୍ନ ସାହି ପରିକ୍ରମା କରି ଶ୍ରଦ୍ଧାଳୁଙ୍କୁ ଆଶିଷ ପ୍ରଦାନ କରିବେ। ପ୍ରତିଦିନ ସନ୍ଧ୍ୟାରେ ଅସ୍ଥାୟୀ ମଣ୍ଡପରେ ଜିଲା, ରାଜ୍ୟ ଓ ରାଜ୍ୟ ବାହାରର କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ୯ତାରିଖରେ ମା’ଙ୍କ ଯାତ୍ରା ଶେଷ ହେବ। ୧୦ ତାରିଖ ସକାଳେ ମା’ ତାଙ୍କ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ।

# ବର୍ଷୀୟାନ ଗାନ୍ଧୀବାଦୀ ନିଶାକର ଦାସଙ୍କ ପରଲୋକ

ନନ୍ଦପୁର, ୨।୫ (ଡି.ଏନ.ଏ.)

ନନ୍ଦପୁର ବ୍ଲକ ଅନ୍ତର୍ଗତ କୁଲାବିର ପଞ୍ଚାୟତ ସଦର ମହକୁମାରେ ବସବାସ କରୁଥିବା ବର୍ଷୀୟାନ ଗାନ୍ଧୀବାଦୀ ତଥା ଭୂଦାନ ଆନ୍ଦୋଳନର ସକ୍ରିୟ ସଦସ୍ୟ ନିଶାକର ଦାଶଙ୍କ ୧୦୨ ବର୍ଷ ବୟସରେ ପରଲୋକ ହୋଇଛି। ୨୦।୩।୧୯୨୧ରେ ସେ ଯାଜପୁର ଜିଲାର ବିଞ୍ଝାରପୁର ବ୍ଲକ ସିଙ୍ଗପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ନିଶାକର କିଶୋର ବୟସରେ ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୩୪ରେ ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ ସମୟରେ ବାନରସେନାରେ ସାମିଲ ହୋଇ ସଭାରେ ରାମଧୁନ ଗାଉଥିଲେ। ପରବର୍ତ୍ତୀ ସମୟରେ ବିନୋବାଭାବେଙ୍କ ସଂସ୍ପର୍ଶରେ ଆସି ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ। ନ୍ୟାୟ, ଅହିଂସା, ସତ୍ୟ, ଶାନ୍ତି ପାଇଁ ସଂଗ୍ରାମ କରିଥିଲେ। ସେ ସତ୍ୟ ଓ ନ୍ୟାୟର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ମା, ମାଟି ପାଇଁ ସଂଘର୍ଷ କରି ଇଂରେଜ ସରକାରଙ୍କ ଲାଠି ମାଡ଼ ଖାଇଥିଲେ। କାଟି ପିନ୍ଧ, କୁଟି ଖାଅ, ସ୍ୱଦେଶୀ ଜାଗରଣ, ମାତୃଭାଷା ଗ୍ରାମ୍ୟ ସ୍ୱରାଜ, ନିଶା ନିବାରଣ ଥିଲା ତାଙ୍କ ଜୀବନର ମୂଳମନ୍ତ୍ର। ଏଭଳି ଜଣେ ଏ ମାଟିର ଯୋଗ୍ୟତମ ସନ୍ତାନକୁ ହରେଇ କୁଲାବିର ଗ୍ରାମ ଶୋକାକୁଳ ହୋଇଛି। ରାଜ୍ୟ ସରକାର ଙ୍କ ତରଫରୁ ତାଙ୍କୁ ଗାର୍ଡ ଅଫ ଅନର ଦେଇ ଶେଷକୃତ୍ୟ

**ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ**



ସମ୍ପନ୍ନ ହୋଇଥିଲା। ସେ କିଛିଦିନ ହେବ ବାର୍ଦ୍ଧକ୍ୟତା (୧୦୨)ର ଶିକାର ହୋଇ ଅସୁସ୍ଥ ଥିଲେ। ମୃତ୍ୟୁବେଳକୁ ତାଙ୍କ ନିକଟରେ ୩ପୁଅ ଶଶିକାନ୍ତ, ସୁକାନ୍ତ, ପ୍ରଶାନ୍ତ, ବୋହୂ, ୨ ଝିଅ ସଞ୍ଜୁ ଓ ମଞ୍ଜୁ, ଜ୍ୱାଇଁ ନାତି ନାତୁଣୀ ଉପସ୍ଥିତ ଥିଲେ। ଉପଜିଲାପାଳ ରାମେଶ୍ୱର ପ୍ରଧାନଙ୍କ ସହ ବ୍ଲକ ପ୍ରଶାସନ ପକ୍ଷରୁ ତହସିଲଦାର ନରସିଂହ ଗାଦବା, ବିଡିଓ ସୁଜିତ ମିଶ୍ର, ପୋଲିସ ପ୍ରଶାସନ ତରଫରୁ ଏସଡିପିଓ ସଞ୍ଜୟ ମହାପାତ୍ର, ପାଡୁଆ ଥାନାଧିକାରୀ ସବ୍ୟସାଚୀ ଶତପଥୀ ଉପସ୍ଥିତ ଥିଲେ।

# କୋଡ଼ିଙ୍ଗାମାଳି ଖଣି ପରିବହନ ଶୀଘ୍ର ଆରମ୍ଭ କରିବାକୁ ଜିଲାପାଳଙ୍କୁ ଦାବିପତ୍ର

କୋରାପୁଟ,୨।୫(ସ୍ୱ.ପ୍ର.)

କୋଡିଙ୍ଗାମାଳି ଖଣି ପରିବହନ ପ୍ରାୟ ମାସେ ଧରି ବନ୍ଦ ରହିଛି। ଫଳରେ ଡ୍ରାଇଭରଙ୍କ ସହ ଗାଡିମାଲିକମାନେ ହାତବାନ୍ଧି ବସିଛନ୍ତି। ଶୀଘ୍ର ଖଣି ପରିବହନ କାର୍ଯ୍ୟ ଆରମ୍ଭ କରିବାକୁ ମଙ୍ଗଳବାର ଜିଲାପାଳଙ୍କୁ ଡ୍ରାଇଭର ଓ ହେଲପରମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଗାଡି ଚଳାଚଳ ବନ୍ଦ ରହିଥିବାରୁ ସେମାନଙ୍କୁ ଚଳିବା କଷ୍ଟକର ହେଉଛି ବୋଲି ସେମାନେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଜିଲାପାଳ ଏଥିପ୍ରତି ଗୁରୁତ୍ୱ ଦେଇ ତୁରନ୍ତ ଖଣିରୁ ପରିବହନ ଆରମ୍ଭ କରିବାକୁ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ଅନୁରୋଧ କରିଥିବା ସଂଘ ସଦସ୍ୟ ବୁଦ୍ଧଦେବ ସାହୁ କହିଛନ୍ତି। ଗତ ଏକମାସ ଧରି କୋଡିଙ୍ଗାମାଳି ଖଣି ପରିବହନ କାର୍ଯ୍ୟ ବନ୍ଦ ରହିଛି। ଫଳରେ ଏଥିସହ ପ୍ରତକ୍ଷ ଓ ପରୋକ୍ଷ ଭାବେ ଜଡିତ ୧୮୦ ଜଣ ଗାଡି ମାଲିକ,୪୦୦ ଗାଡି, ୭ଶହ ଡ୍ରାଇଭର ଓ ୪ଶହରୁ ଉର୍ଦ୍ଧ୍ୱହେଲପର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏ ଦିଗରେ ଗୁରୁତ୍ୱ ଦେଇ ପଦକ୍ଷେପ ନେବେ ବୋଲି ଜିଲାପାଳ ଅବଦାଲ ଏମ. ଅଖତାର ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଗାଡିକ ମାଲିକ ସଂଘ ସଭାପତି ସୁଧାଂଶୁ ସଗରିଆ, କେ ସାହୁ, ଦିପ୍ତି ରଜଂନ ପଣ୍ଡା, ପବିତ୍ର ବେହେରା, ମନୋଜ କୁମାର ସାହୁ, ଉମା ଶଙ୍କର ସାହୁଙ୍କ ସମେତ ଶତାଧିକ ମାଲିକଙ୍କ ସହ ବହୁ ଡ୍ରାଇଭର ଓ ହେଲପରମାନେ ଉପସ୍ଥିତ ଥିଲେ।



କର୍ମକର୍ତ୍ତାମାନେ ଦାବିପତ୍ର ଦେଉଛନ୍ତି।

# ୫ରେ ବର୍ଷର ପ୍ରଥମ ‘ଉପଛାୟା’ ଚନ୍ଦ୍ରଗ୍ରହଣ

## ଓଡ଼ିଶାରେ ଖାଲି ଆଖିରେ ଦୃଶ୍ୟମାନ ହେବନାହିଁ

ଭୁବନେଶ୍ୱର, ୨।୫ (ବ୍ୟୁରୋ)

ମେ ୫ ତାରିଖରେ ବର୍ଷର ପ୍ରଥମ ‘ଉପଛାୟା’ ଚନ୍ଦ୍ରଗ୍ରହଣ ସଂଘଟିତ ହେବ। ଏହା ଭାରତୀୟ ସମୟ ରାତି ୮.୪୪ରେ ଆରମ୍ଭ ହେବ, ଯେତେବେଳେ ଚନ୍ଦ୍ର ଉପଛାୟାରେ ପ୍ରବେଶ କରିବ। ପରେ ରାତି ୧୦.୫୨ରେ ଚନ୍ଦ୍ର ଉପଛାୟାରେ ସମ୍ପୂର୍ଣ୍ଣ (ସର୍ବାଧିକ ୧୦୦%) ପ୍ରବେଶ କରିବ। ସେହିପରି ମେ’ ୬ ତାରିଖ ରାତି ୧ଟା ୧ରେ ଚନ୍ଦ୍ର ଉପଛାୟାରୁ ପୂରା ବାହାରିଯିବ। ଏହି ଚନ୍ଦ୍ର ଗ୍ରହଣ ଏସିଆ, ଅଷ୍ଟ୍ରେଲିଆ, ଆଫ୍ରିକା, ପ୍ରଶାନ୍ତ ମହାସାଗର, ଭାରତ ମହାସାଗର ଏବଂ ଆଣ୍ଟାର୍କଟିକାର କିଛି ଅଞ୍ଚଳରେ ସଂଘଟିତ ହେବ। ଭାରତରେ ତଥା ଓଡ଼ିଶାରେ ଏହି ଉପଛାୟା ଚନ୍ଦ୍ରଗ୍ରହଣ ଆରମ୍ଭରୁ ଶେଷ ଯାଏ ଘଟୁଥିଲେ ବି ଏହା ଖାଲି ଆଖିରେ ଦୃଶ୍ୟମାନ ହେବନାହିଁ ବୋଲି ପଠାଣି ସାମନ୍ତ ପ୍ଲାନେଟାରିୟମ୍ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

# ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲିମେଳା,୨।୫(ଡି.ଏନ.ଏ.)

ମାଲକାନଗିରି ଜିଲା ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅମୁଲ୍ୟ ପ୍ରଧାନ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତାଙ୍କ ସ୍ଥାନରେ ନୂତନ ଭାବେ ଅଧ୍ୟକ୍ଷ ଦାୟିତ୍ୱ ନେଇଛନ୍ତି ରବୀନ୍ଦ୍ରନାଥ ପାତ୍ର। ସେହିପରି ମହାବିଦ୍ୟାଳୟ କାର୍ଯ୍ୟକାରୀ ସଭାପତି ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି ଅବସରପ୍ରାପ୍ତ ବିଇଓ ପତିତପାବନ ଦାସ। ତାଙ୍କ ପୂର୍ବରୁ ଏହି ଦାୟିତ୍ୱରେ ମାଲକାନଗିରି ଉପଜିଲାପାଳ ଅକ୍ଷୟ ଖେମୁଡୁ ରହିଥିଲେ। ଆୟୋଜିତ ଅବସରକାଳୀନ ସଭାରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଅକ୍ଷୟ ଖେମୁଡୁ ଉପସ୍ଥିତ ଥିଲେ। ପ୍ରଫେସର ପ୍ରଧାନ ୧୯୮୮ରେ ବାଲିମେଳା ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ। ଦୀର୍ଘ ୨୩ ବର୍ଷ ଧରି ସେ କାର୍ଯ୍ୟ ସମ୍ପାଦନ କରି ପ୍ରଫେସର ଭାବେ କାର୍ଯ୍ୟ କରି ସେ ଗତ ୧।୨।୨୨ରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପ୍ରଧାନ ଉପଜିଲାପାଳ ଖେମୁଡୁଙ୍କ ସହ ଆଲୋଚନା କରି ମହାବିଦ୍ୟାଳୟର ଉନ୍ନତି ପାଇଁ ସର୍ବଦା କାର୍ଯ୍ୟ କରୁଥିଲେ। ମହାବିଦ୍ୟାଳୟ ରୂପରେଖରେ ପରିବର୍ତ୍ତନ କରିବା ସହ ନୂତନ କୋଠା ନିର୍ମାଣରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରତେକ କର୍ମଚାରୀ ଯେପରି ମାସର ପ୍ରଥମ ଦିନରେ ଦରମା ପାଇବେ ସେଥିପ୍ରତି ସେ ଧ୍ୟାନ ଦେଉଥିଲେ। ଅଧ୍ୟାପକ ରବୀନ୍ଦ୍ରନାଥ ପାତ୍ର କହିଛନ୍ତି, ଦିନେ ମୁଁ ଏହି ମହାବିଦ୍ୟାଳୟର ଛାତ୍ର ଥିଲି। ଅମୁଲ୍ୟ ସାରଙ୍କ ସ୍ୱପ୍ନ ସେ ସମସ୍ତଙ୍କ ସହଯୋଗରେ ପୂରଣ କରିବାକୁ ଚେଷ୍ଟା କରିବେ ବୋଲି କହିଥିଲେ। ପୁରାତନ ଅଧ୍ୟାପକ ଗୁପ୍ତେଶର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ସରୋଜ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗାଙ୍ଗମାଁଙ୍କ ନବରାତ୍ର ଘଟଯାତ୍ରା ଆରମ୍ଭ

ପଟ୍ଟାଙ୍ଗି,୨।୩(ଡି.ଏଡ.ଏ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ଗ୍ରାମ ଦେବୀ ମାଁ ଗାଙ୍ଗମାଁଙ୍କ ନବରାତ୍ର ଘଟଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ଗ୍ରାମ ମୁଖ୍ୟପୂଜକ ଦିଲ୍ଲୀପ ହୋତାଙ୍କ ପରାମର୍ଶରେ ମାଁ ଗାଙ୍ଗମାଁଙ୍କ ନବରାତ୍ର ଘଟ ଯାତ୍ରା ବୈଶାଖ ମାସ ଶୁକ୍ଳ ପକ୍ଷରୁ ୧୫ଦିନ ମଧ୍ୟରେ ପଡୁଥିବା ସୋମବାର ଆରମ୍ଭ ହୋଇଛି। ଏନେଇ ସ୍ଥାୟୀ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ମାଁଙ୍କ ଘଟହାଣ୍ଡି ମନ୍ଦିରରୁ

**ବିଳମ୍ବିତ ରାତିରେ ଅସ୍ଥାୟୀ ମଣ୍ଡପକୁ ବିଜେ କଲେ ମା’**

ରାତି ୯ଟା ୧୬ରେ ବାହାରିଥିଲା। ବଡଗାଁ ଗ୍ରାମର ମା’ଙ୍କ ମୁଖ୍ୟ ପୂଜକଙ୍କ ବଂଶଧାରୀ ଜଗା ପୂଜାରୀ ମାଁ ଙ୍କ ଘଟହାଣ୍ଡି କୁ ମୁଣ୍ଡରେ ମୁଣ୍ଡାଇ ଗ୍ରାମର ଜଗନ୍ନାଥ ମନ୍ଦିର ନିକଟରେ ଥିବା ଅସ୍ଥାୟୀ ମଣ୍ଡପକୁ ବିଳମ୍ବିତ ରାତିରେ ବିଜେ କରିଥିଲେ। ଉକ୍ତ ନବରାତ୍ର ଘଟଯାତ୍ରା ଅସ୍ଥାୟୀ ମଣ୍ଡପରେ ୯ ଦିନ ଧରି ମାଁ ପୂଜା ପାଇବେ। ମାଁଙ୍କ ୪ ମୁଖ୍ୟ ପୂଜକ ମଦନ ବାଡାମ, ବଇ ନଟ, ଗଙ୍ଗାଧର ବାଡାମ, ବଇ କମୁଲୁ, ସ୍ଥାନୀୟ ବିଧାୟକ ପିତମ ପାଢୀ, ବିଧାୟକ ରଘୁରାମ ପଡାଲ, ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, କଂଗ୍ରେସ ଦଳର ଗୋବିନ୍ଦ ଖରା, ଜିଲ୍ଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଜିଲ୍ଲା ପରିଷଦ ସଭ୍ୟ ଲଇଚନ ଖରା, ସରପଞ୍ଚ ଆଲମେ ଫୁଲଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

# କେନ୍ଦୁଗୁଡା ଗ୍ରାମରେ ଯୁବକଙ୍କୁ ହତ୍ୟା

କୁନ୍ଦୁରା,୨।୫ (ଡି.ଏନ.ଏ,)

କୋରାପୁଟ ଜିଲା କୁନ୍ଦୁରା ବ୍ଲକସ୍ଥିତ କେରମେଟି ପଞ୍ଚାୟତର କେନ୍ଦୁଗୁଡା ଗ୍ରାମରେ ସୋମବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ଘନପତି ଦୁରୁଆ। ରବିବାର ଆମ୍ବଗୁଡ଼ାର ଜଣେ ଯୁବକଙ୍କ ସହ ଘନପତି ବୁଲିବାକୁ ଯାଇ ଆଉ ଫେରି ନ ଥିଲେ। ସକାଳେ ଗାଁ ନିକଟସ୍ଥ ପୋଖରୀରୁ ତାଙ୍କ ମୃତଦେହ ମିଳିଥିଲା। ଏ ନେଇ ପରିବାର ଲୋକେ କୁନ୍ଦୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଛି। ଏଏସଆଇ ଗୋବିନ୍ଦ ହଂସଦାସ ଏବଂ ଥାନା ଅଧିକାରୀ ଈଶ୍ୱର ତାଣ୍ଡି ତଦନ୍ତ କରୁଛନ୍ତି। ତଦନ୍ତ ବେଳେ ଲକ୍ଷ୍ମଣ ବାରିକ ନାମକ ବ୍ୟକ୍ତିଙ୍କୁ ତାଙ୍କ ସମ୍ପର୍କୀୟଙ୍କ ଘରୁ ଗିରଫ କରାଯାଇଛି। ଘଟଣାରେ ବ୍ୟବହୃତ ବାଇକ୍ (ଓଡ଼ି୧୦ଏଲ୍- ୭୭୧୮) ଜବତ ହୋଇଛି। କେସ ନଂ. ୪୧ / ୨୦୨୩ରେ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି।

# ବାଲିମେଳାରେ ଶ୍ରମିକଙ୍କ ଶୋଭାଯାତ୍ରା,ନଗର ପରିକ୍ରମା

ବାଲିମେଳା, ୨।୫(ଡି.ଏନ.ଏ.)– ମାଲକାନଗିରି ଜିଲା ବାଲିମେଳା ସହରରେ ବିଭିନ୍ନ କର୍ମଚାରୀ ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଛି। ସହରରେ ଥିବା



ଜଳ ବିଦ୍ୟୁତ୍ କେନ୍ଦ୍ରର ପାୱାର ପ୍ରୋଜେକ୍ଟ କର୍ମଚାରୀ ସଂଘ ସଭାପତି ଦେବେନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ସନ୍ତୋଷ ପଣ୍ଡା, ପ୍ରବୀର ଦାସ, ରବି ନାରାୟଣ ଡାଇନି, ଶିବ ପ୍ରସାଦ ଲେଙ୍କଙ୍କ ତତ୍ତ୍ୱାବଧାନରେ ସଂଘ କର୍ମକର୍ତ୍ତାମାନେ ବାଲିମେଳା ଏନଏସି ଗେଟ୍ ନିକଟରେ ଏକତ୍ରିତ ହୋଇ ଶୋଭାଯାତ୍ରା କରି ନଗର ପରିକ୍ରମା କରଥିଲେ। ଶୋଭାଯାତ୍ରାରେ ମାଲକାନଗିରି ଜିଲା ଆଦିବାସୀ ସଂଘ, ଡ୍ରାଇଭର ମହାସଂଘ, ରାଜମିସ୍ତ୍ରୀ ସଂଘ ସମେତ ଅନ୍ୟ ଅନୁଷ୍ଠାନ କର୍ମକର୍ତ୍ତା ସାମିଲ ହୋଇଥିଲେ। ମୃତ ଶ୍ରମିକ ପରିବାରର ଉତ୍ତରାଧିକାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଖାଲି ପଡିଥିବା ପଦବୀ ପୂରଣ, ଠିକା ନିଯୁକ୍ତି ବନ୍ଦ କରିବା, କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରିବା, କର୍ମଚାରୀଙ୍କୁ ପୁରୁଣା ପେନସନ ଦେବା ଆଦି ଦାବି ନେଇ ଶ୍ରମିକମାନେ ସହର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ସଂଘ କାର୍ଯ୍ୟାଳୟଠାରେ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଶ୍ରମିକ,ଚାଷୀ ମୂଲିଆ, ଆଦିବାସୀ ସଂଘ ଉପଦେଷ୍ଟା ବିଜୟ ଉପାଧ୍ୟାୟ, ସମ୍ମାନିତ ଅତିଥି ଭାବେ ସେବା କାଗଜକଳର ଏଆଇଟିୟୁସି ସଭାପତି ପ୍ରମୋଦ ମହାନ୍ତି, ଜିଲା ଆଦିବାସୀ ସଂଘ ସଭାପତି ବାଲରାଜ ଗାମେଲ, ଘେନୁ ମୁଦୁଲି, ବାଉରୀବନ୍ଧୁ ସୁବୁଦ୍ଧି, ବିଦେଶୀ ଗୌଡ଼ ଓ ମଳୟ ପଟ୍ଟନାୟକ ଉପସ୍ଥିତ ଥିଲେ।

# ବିକାଶମୂଳକ କାର୍ଯ୍ୟ ଉଦ୍‌ଘାଟନ କଲେ ବିଧାୟକ

ଜୟପୁର, ୨।୫ (ନି.ପ୍ର.)

ଜୟପୁର ପୌରାଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ମଙ୍ଗଳବାର ଉଦଘାଟନ କରିଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି। ମୁଖ୍ୟଅତିଥି ଭାବେ ଯୋଗ ଦେଇ ସେ ସହରର ଇରିଗେସନ କୋଲନୀର ୨୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅପର କୋଲାବ ପାର୍କ, ଓପନଜିମ୍, ଜୟନଗରରରେ ୨୬ ଲକ୍ଷ ଟଙ୍କା ବ୍ୟୟରେ ମିନି ଚିଲଡ୍ରେନ ପାର୍କ, ପାଇକସାହିରେ ୮ ଲକ୍ଷ ଟଙ୍କା ବ୍ୟୟରେ ଖୋଲା ଜାଗାର ବିକାଶ, ଆଦର୍ଶନଗରରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମିନି ଚିଲଡ୍ରେନ ପାର୍କକୁ ବିଧାୟକ ବାହିନୀପତି ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଜୟପୁର ଉପଜିଲାପାଳ ବେଦବର ପ୍ରଧାନ,ଏସ୍‌ଡିପିଓ ହରିଶ ବିସି, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, କାଉନସିଲର ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।



ସହରର ବିକାଶମୂଳକ କାର୍ଯ୍ୟକୁ ଉଦ୍‌ଘାଟନ କରୁଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି।

# କଞ୍ଜେଲି ଗ୍ରାମରେ ଜିଲା କୃଷକ ମଙ୍ଗଳ ସଂଘ ପକ୍ଷରୁ ବୈଠକ

ମାଲକାନଗିରି,୨।୫(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମଗିରି ପଞ୍ଚାୟତର କଞ୍ଜେଲି ଗ୍ରାମଠାରେ ଜିଲା କୃଷକ ମଙ୍ଗଳ ସଂଘର ଏକ ବୈଠକର ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ଲୋକଙ୍କ ସଂଗୃହୀତ ବନ୍ୟଜାତ ସାମଗ୍ରୀ କିଭଳି ଉଚିତ ମୂଲ୍ୟରେ ବିକ୍ରି ହୋଇପାରିବ, ଘରୋଇ କେନ୍ଦୁପତ୍ର ସଂଗ୍ରହକାରୀ ତୋଳାଳିଙ୍କୁ ଉଚିତ ମୂଲ୍ୟ ପ୍ରଦାନ ନେଇ ଆଲୋଚନା ହୋଇଥିଲା। ତେବେ ସଂଘ ଉଦ୍ୟମ ଯୋଗୁ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଘରୋଇ କେନ୍ଦୁପତ୍ର କିଣୁଥିବା ସଂସ୍ଥା କେନ୍ଦୁପତ୍ର ସଂଗ୍ରହରେ ୨୫ ପ୍ରତିଶତ ବୃଦ୍ଧି କରିଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି କୃଷକ ସଂଘ ସମ୍ପୂର୍ଣ୍ଣ ଭାବେ ରାଜନୈତିକ ପ୍ରଭାବରୁ ମୁକ୍ତ ରହି କାର୍ଯ୍ୟ କରୁଥିବା ଏବଂ ଏହା ଆଗାମୀ ଦିନରେ ମଧ୍ୟ ବଜାୟ ରଖିବାକୁ ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା। ଜିଲା କୃଷକ ମଙ୍ଗଳ ସଂଘ ସଭାପତି କୃଷ୍ଣଚନ୍ଦ୍ର ମାଡକାମି,ସମ୍ପାଦକ ସୁନାଧର ପଡିଆମ,ଉପ ସଭାପତି ରାମଚନ୍ଦ୍ର ପୂଜାରୀ, କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ମାଡ଼ି, ସମାଜିକ କର୍ମୀ କୃଷ୍ଣଚନ୍ଦ୍ର ଅନୁଗୁ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ନେଇ ଆଲୋଚନା କରିଥିଲେ।



ସଂଘ ପକ୍ଷରୁ ବସିଥିବା ବୈଠକରେ ଉପସ୍ଥିତ ଅତିଥିମାନେ ଆଲୋଚନା କରୁଛନ୍ତି।

# ୧୫୮ ସଙ୍ଗଠିତ ଶ୍ରମିକଙ୍କୁ ଆର୍ଥିକ ସହାୟତା

ମାଲକାନଗିରି,୨।୫(ଡି.ଏନ.ଏ.)

ମାଲକାନଗିରି ଜିଲା ପ୍ରଶାସନ ଓ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ପୌର ପରିଷଦ ଟାଉନ ହଲଠାରେ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ସମ୍ମାନିତ ଅତିଥି ଭାବେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ସନ୍ଧ୍ୟାରାଣୀ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ଜିଲା ଶ୍ରମ ଅଧିକାରୀ ଶରତ ପାଣିଗ୍ରାହୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର ଶ୍ରମିକମାନଙ୍କ ପାଇଁ କାର୍ଯ୍ୟକାରୀ କରୁଥିବା ଶ୍ରମ ଆଇନ ସମ୍ପର୍କରେ ଉପସ୍ଥିତ ଶ୍ରମିକଙ୍କୁ ଅବଗତ କରାଯାଇଥିଲା।



ଜିଲାସ୍ତରୀୟ ଶ୍ରମିକ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଅତିରିକ୍ତ ଜିଲାପାଳ ନାଏକ ଶ୍ରମିକମାନଙ୍କୁ ସରକାରଙ୍କ ଯୋଜନାରୁ ଲାଭ ଉଠାଇବା ପାଇଁ ପରାମର୍ଶ ଦେଇ ଶ୍ରମିକମାନଙ୍କ ଶ୍ରମର ମୂଲ୍ୟ ଅମୂଲ୍ୟ ବୋଲି ପ୍ରକାଶ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଅତିଥି ପରିଚୟ ଦେଇଥିଲେ। ଜିଲାରେ ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ୯୭ ଜଣଙ୍କୁ ଶିକ୍ଷା ନିମନ୍ତେ ୬ ଲକ୍ଷ ୫୩ ହଜାର ୬ଶହ ଟଙ୍କା, ୮ ଜଣଙ୍କୁ ବିବାହ ସହାୟତା, ୨୨ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ଏବଂ ୨୫୦ ଜଣଙ୍କୁ ଶ୍ରମ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଓଡ଼ିଶା ଅଣ ସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୫୦ ଜଣଙ୍କୁ ଶ୍ରମ ପରିଚୟ ପତ୍ର ଓ ଜଣଙ୍କୁ ୧ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହ ଶ୍ରମ ଅଧିକାରୀ ବିଶ୍ୱ ରଞ୍ଜନ କହଁର ଓ ପୂର୍ଣ୍ଣିମା ଡୁରୁକା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରିପୋର୍ଟ ଦାଖଲ କରିବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

#### ନର୍ସିଂ କଲେଜରେ ଛାତ୍ରୀ ନିର୍ଯାତନା ଘଟଣା

ଉମରକୋଟ, ୨।୫(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ ଧୋଡ୍ରାସ୍ଥିତ ଏକ ଘରୋଇ ନର୍ସିଂ କଲେଜ ଛାତ୍ରୀଙ୍କୁ ନିର୍ଯାତନା ଘଟଣାରେ ଜୟପୁରର ବରିଷ୍ଠ ଆଇନଜୀବୀ ତଥା ମାନବାଧିକାର କର୍ମୀ ଅନୁପ କୁମାର ପାତ୍ର ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କମିଶନ ଉଚ୍ଚ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଓ ନବରଙ୍ଗପୁର ଜିଲାପାଳଙ୍କୁ ଏକ ନୋଟିସ ଜାରି କରି ଘଟଣା ସମ୍ପର୍କିତ ସମସ୍ତ ତଥ୍ୟ ଆସନ୍ତା ୮ସପ୍ତାହ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ରକ୍ତଦାନ ଶିବିର

ରାଇଘର, ୨।୫ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ନବରଙ୍ଗପୁର ଜିଲା ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ହାଟଭରଣ୍ଡିରେ ୯୧ ୟୁନିଟ୍ ଏବଂ ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରରେ ୧୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ଶିବିରରେ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଦଶରଥ ନାଗ, ଚିକିତ୍ସାଧିକାରୀ ଡାକ୍ତର ଅସୀମ କୁମାର ସାହୁ, ଡାକ୍ତର ରୂପେଶ କୁମାର, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ସୁରେଶ ବେବର୍ତ୍ତା, ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ଏମ୍. ଆର୍. କେ. ରାଜୁ, ହାରାଧନ ସରକାର, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ହନୁମନ୍ତ ମାଝି,ମେଡିକାଲ ଫାର୍ମାସିଷ୍ଟ ଶଙ୍କର୍ଷଣ ସାହୁ, ସ୍ୱାସ୍ଥ୍ୟକର୍ମୀ ନୀଳମାଧବ ମିଶ୍ରଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ସଫେଇ କର୍ମଚାରୀ ଉପସ୍ଥିତ ଥିଲେ।

### ଆୟୁର୍ବେଦିକ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ



ଉମରକୋଟ, ୨।୫(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟସ୍ଥ ଏକଟାଗୁଡ଼ାରେ ପାରମ୍ପରିକ ପଦ୍ଧତି ଓ ଆୟୁର୍ବେଦିକ ପ୍ରଣାଳୀରେ ଅସ୍ଥିଶଲ୍ୟ ଚିକିତ୍ସା ନିମନ୍ତେ ଧନ୍ୱନ୍ତରି ଆୟୁର୍ବେଦିକ ଅସ୍ଥିଶଲ୍ୟ ଚିକିତ୍ସା କେନ୍ଦ୍ରର ଉଦ୍‌ଘାଟନ ହେଇଯାଇଛି। ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସନ୍ତୋଷ କୁମାର ପଣ୍ଡା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଧରଣୀ ଖବରକାଗଜ ସମ୍ପାଦକ ଧୀରେନ କୁମାର ମଲ୍ଲିକ ଓ ଅବସରପ୍ରାପ୍ତ ଶିକ୍ଷକ କୈଳାସ ସାମଲ ଯୋଗ ଦେଇଥିଲେ। ଏଠାରେ ରୋଗୀଙ୍କ ଅଣ୍ଟା ବ୍ୟଥା, ବାର୍ଦ୍ଧକ୍ୟଜନିତ ଗଣ୍ଠି ଯନ୍ତ୍ରଣା, ବାତ ଯନ୍ତ୍ରଣା ଓ ହାତଗୋଡ ଭାଙ୍ଗିଗଲେ ସୁଲଭ ମୂଲ୍ୟରେ ଚିକିତ୍ସା ମିଳିପାରିବ। ଏଥିପାଇଁ ଜଣେ ଆୟୁର୍ବେଦ ଡାକ୍ତର ନିଯୁକ୍ତି ହୋଇଛନ୍ତି ବୋଲି ଏହାର ପ୍ରତିଷ୍ଠାତା ସତ୍ୟ ସାମଲ ସୂଚନା ଦେଇଛନ୍ତି। ଏଠାରେ ରୋଗୀ ରହି ଯେପରି ଚିକିତ୍ସା ଯେପରି ପାଇପାରିବେ ସେଥି ନିମନ୍ତେ ରହିବା ପାଇଁ ଘର ଓ ଆମ୍ବୁଲାନ୍ସର ସୁବିଧା ରହିଛି। ଏହି ଚିକିତ୍ସା କେନ୍ଦ୍ର ପ୍ରତିଦିନ ସକାଳ ୮ ଟାରୁ ସନ୍ଧ୍ୟା ୬ ଟାଯାଏ ଖୋଲାରହିବ ବୋଲ ସୂଚନା ମିଳିଛି।

### ପିକ୍‌ଅପ ଭ୍ୟାନ୍ ସହ ଶାଗୁଆନ କାଠ ଜବତ

ଝରିଗାଁ,୨।୫(ସ୍ୱ.ପ୍ର.)-ନବରଙ୍ଗପୁର ଜିଲା ଝରିଗାଁ ଏବଂ ଡାବୁଗାଁ ବନ ବିଭାଗ ମିଳିତ ଭାବେ ଚଢ଼ାଉ କରାଯାଇ ଏକ ପିକଅପ୍ ଭ୍ୟାନ ସହ ଶାଗୁଆନ କାଠ ଜବତ ହୋଇଛି। ଝରିଗାଁ ବନ ବିଭାଗର ଏକ ଟିମ ସୋମବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଡାବୁଗାଁ ବ୍ଲକ ଚିଟିବାଇ ଛକରେ ପିକଅପ୍ ଭ୍ୟାନ୍ ( ଓଡ଼ି ୧୦କ୍ୟୁ ୧୭୬୪)କୁ ସନ୍ଦେହରେ ଅଟକାଇବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ଗାଡିଟି ନ ଅଟକି ଦ୍ରୁତ ଗତିରେ ଡାବୁଗାଁ ଅଭିମୁଖେ ପଳାଉଥିଲା। ଝରିଗାଁ ବନ କର୍ମଚାରୀମାନେ ତାହାର ପିଛା କରି ତୁରନ୍ତ ଡାବୁଗାଁ ବନ ବିଭାଗକୁ ଖବର ଦେଇଥିଲେ। ପାତିରି ଜଙ୍ଗଲଠାରେ କାଠ ମାଫିଆମାନେ ଗାଡି ଛାଡି ଚମ୍ପଟ ମାରିଥିଲେ। ଝରିଗାଁ ଏବଂ ଡାବୁଗାଁ ବନ କର୍ମଚାରୀ ଗାଡିକୁ ଠାବ କରି ସେଥିରେ ଥିବା ୧୩ ଖଣ୍ଡ ଶାଗୁଆନ ଗଣ୍ଡିକୁ ଜବତ କରି ଝରିଗାଁ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଛନ୍ତି। ଯାହାର ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

# 'ଶ୍ରମିକଙ୍କ ବିନା ନିର୍ମାଣର ପରିକଳ୍ପନା ଅସମ୍ଭବ'

ନବରଙ୍ଗପୁର, ୨।୫(ବି.ପ୍ର.)



ଜଣେ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ନବରଙ୍ଗପୁରରେ ଜିଲା ଶ୍ରମ ବିଭାଗ ପକ୍ଷରୁ ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପରେ ଜିଲାସ୍ତରୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲାପାଳ ଡ. କମଳ ଲୋଚନ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମଣ୍ଡଳ ଶ୍ରମ ଆୟୁକ୍ତ କୁବେର ବେହେରା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଜିଲା ଶ୍ରମାଧିକାରୀ ରଞ୍ଜନ କିଶୋର ବେହେରା ଦିବସ ପାଳନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଅଣସଂଗଠିତ ଶ୍ରମିକଙ୍କ ପାଇଁ ଥିବା ସରକାରୀ ସୁବିଧା ସମ୍ପର୍କରେ କହିଥିଲେ।

ଗାଁଠାରୁ ସହର ପର୍ଯ୍ୟନ୍ତ ରହିଥିବା କୋଠାବାଡ଼ି, ରାସ୍ତାଘାଟ,କଳ କାରଖାନା, ମନ୍ଦିର ମସ୍‌ଜିଦ୍, ଗିର୍ଜା ଆଦି ନିର୍ମାଣରେ ଶ୍ରମିକଙ୍କ ଅବଦାନ ରହିଛି। ସେମାନଙ୍କ ବିନା ଏସବୁ କାର୍ଯ୍ୟର ପରିକଳ୍ପନା କରାଯାଇ ନ ପାରେ। ସେମାନଙ୍କ ପାଇଁ ରହିଥିବା ସରକାରୀ ସହାୟତା ଦିଗରେ ଶ୍ରମିକ ଭଉଣୀ ଭାଇମାନେ ସଚେତନ ହେଲେ ମୌଳିକ ଅଧିକାର ପାଇବାରୁ କେହି ବଞ୍ଚିତ କରିପାରିବେ ନାହିଁ ବୋଲି ଜିଲାପାଳ କହିଛନ୍ତି। ବିଭାଗୀୟ ଅଧିକାରୀ, ଶ୍ରମିକ ସଂଗଠନର ନେତୃବୃନ୍ଦ ଏ ନେଇ ଯତ୍ନବାନ୍ ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଶ୍ରମିକ ମାନେ ହେଉଛନ୍ତି ବିଶ୍ୱକର୍ମା। ସମାଜରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି। ଅନ୍‌ଲାଇନରେ ନାମ ପଞ୍ଜୀକରଣ କରି ଶ୍ରମିକଙ୍କୁ କିପରି ସରକାରୀ ସୁବିଧା ମିଳିବ ସେ ନେଇ ମୁଖ୍ୟ ଅତିଥି କହିଥିଲେ। ନବରଙ୍ଗପୁର ବିଧାୟକ ସମସ୍ତଙ୍କୁ ଶ୍ରମିକ ଦିମସର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୨୦୦ ଶ୍ରମିକଙ୍କୁ ନିର୍ମଣ ଶ୍ରମିକ ପରିଚୟପତ୍ର, ୨୦୦ ଜଣଙ୍କୁ ଉଚ୍ଚ ଶିକ୍ଷା ନେଇ ଆର୍ଥିକ ସହାୟତା,୨୦୦ ଜଣଙ୍କୁ ୫୦ ହଜାର ଟଙ୍କା ଲେଖାଏ ବିବାହ ସହାୟତା ରାଶି, ୧୦୦ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରସୂତିକାଳୀନ ସହାୟତା, ୧୦୦ ଜଣଙ୍କୁ ୨ଲକ୍ଷ ୫ହଜାର ଟଙ୍କା ଲେଖାଏ ନିର୍ମାଣ ଶ୍ରମିକ ମୃତ୍ୟୁକାଳୀନ ସହାୟତା,୧୦୦ ଜଣଙ୍କୁ ୫ଲକ୍ଷ ଲେଖାଏ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଜିଲାସ୍ତରୀୟ ଅଧିକାରୀ, ଶ୍ରମିକ ସଂଗଠନର ନେତୃବୃନ୍ଦ, ସଙ୍ଗଠିତ,ଅଣ ସଙ୍ଗଠିତ ଶ୍ରମିକ ଯୋଗଦେଇଥିଲେ।

# ୨ ମାଓବାଦୀ ମିଲିସିଆ ଗିରଫ



ଗିରଫ ମିଲିସିଆଙ୍କୁ କୋର୍ଟ ଚାଲାଣ କରାଯାଉଛି।

ନବରଙ୍ଗପୁର/ରାଇଘର, ୨।୫(ବି.ପ୍ର./ଡି.ଏନ୍.ଏ.)

**ରାଇଘର ଥାନାରେ ସେମାନଙ୍କ ନାମରେ ପୂର୍ବରୁ ରହିଛି ମାମଲା**

ନବରଙ୍ଗପୁର ଜିଲା ରାଇଘର ପୋଲିସ ସୋମବାର ୨ ମାଓବାଦୀ ସମର୍ଥକ (ମିଲିସିଆ)ଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛତିଶଗଡ଼ ଗରିଆବନ୍ଦ ଜିଲା ଶୋବା ଥାନା ଅଧୀନ ମୋତିପାନି ଅଞ୍ଚଳର ହେମାଲାଲ ନାଗେଶ (୩୧) ଏବଂ ଭୁତବେଢ଼ାର ପ୍ରକାଶ ମାର୍କମ (୨୦)। ଉଭୟ ମେନପୁର ନୂଆପଡ଼ା ଉଦନ୍ତୀ ମାଓବାଦୀ ସଙ୍ଗଠନର ମିଲିସିଆଭାବେ କାମ କରୁଥିଲେ। ପୋଷ୍ଟର ଓ ବ୍ୟାନର ଲଗାଇବାରେ ଏମାନଙ୍କ ନାଁରେ ପୂର୍ବରୁ ରାଇଘର ଥାନାରେ ମାମଲା ରୁଜୁ ହୋଇଥିଲା। ସେମାନଙ୍କଠାରୁ ମାଓବାଦୀ ବ୍ୟାନର ଓ ପୋଷ୍ଟର ମିଳିଥିବା ପୋଲିସ ସୂଚନା ଦେଇଛି।

ନବରଙ୍ଗପୁର ଜିଲା ରାଇଘର ଥାନା ଅଧୀନ ହାତିଗାଁ ରିଜର୍ଭ ଜଙ୍ଗଲରେ ମେନପୁର ନୂଆପଡ଼ା ଡିଭିଜନ ସୁନୀଲଙ୍କ ଦ୍ୱାରା ମାଓବାଦୀ ଗୋଷ୍ଠୀ ନେତୃତ୍ୱ ନେଉଛି। ନବରଙ୍ଗପୁର ଡିଭିଏଫ୍ ଏକ ସ୍ୱତନ୍ତ୍ର ମାଓବାଦୀ ଅପରେଶନ ହାତିଗାଁ ରିଜର୍ଭ ଜଙ୍ଗଲରେ ଆରମ୍ଭ କରିଥିଲେ। ଏହି ସମୟରେ ସେମାନେ ମାଓବାଦୀ ଗତିବିଧି ଦେଖି ସେମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ ମଧ ପାହାଡ଼ିଆ ଅଞ୍ଚଳ ଏବଂ ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ପଳାଇଥିଲେ। ମାଓବାଦୀଙ୍କ ଗତିବିଧି କ୍ଷେତ୍ରର ସନ୍ଧାନକରି ଡିଭିଏଫ୍ ଦଳ ହେମାଲାଲ ଏବଂ ପ୍ରକାଶଙ୍କୁ ସେଠାରେ ଦେଖି ଯାଞ୍ଚ କରି ମିଳିସିଆ ବୋଲି ଜାଣି ଗିରଫ କରିଥିଲେ। ଓଦନ୍ତି ଏଲୋସି, ମେନପୁର ନୂଆପଡ଼ା ଡିଭିଜନ ଏବଂ ନବରଙ୍ଗପୁରର ଅନେକ ମାମଲାରେ ଏମାନେ ଜଡିତ। ରାଇଘର ଥାନା ଓ ଛତିଶଗଡ଼ ରାଜ୍ୟ ଅଧୀନରେ ହୋଇଥିବା ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପରେ ଜଡିତ ଥିବା ହେମାଲାଲ ଓ ପ୍ରକାଶ ସ୍ୱୀକାର କରିଥିବା ପୋଲିସ କହିଛି। ମେନପୁର ନୂଆପଡ଼ା ଡିଭିଜନର ମାଓବାଦୀ ବ୍ୟାନର ଏବଂ ପୋଷ୍ଟର ଲଗାଇବା କାମରେ ଜଡିତ ଥିଲେ। ଏନେଇ ରାଇଘର ଥାନାରେ କେସ୍ ନମ୍ବର ୭୦/୨୩ରେ ଏକ ମାମଲା ରୁଜୁ କରାଯାଇଛି। ଏଥିପୂର୍ବରୁ ରାଇଘର ଥାନା ଅଞ୍ଚଳରେ ମାଓବାଦୀ ବ୍ୟାନର ଲଗାଇବା ଘଟଣାରେ ଏପ୍ରିଲ୧୭ରେ କେସ୍ ନମ୍ବର ୬୩/୨୩ ଓ ଫେବୃୟାରୀ ୨୪ରେ କେସ୍ ନମ୍ବର ୩୫/୨୩ ମାମଲା ରୁଜୁହୋଇଥିବା ନବରଙ୍ଗପୁର ଜିଲା ପୋଲିସ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି।

ଉଭୟଙ୍କୁ ପୋଲିସ ଉଠାଇ ଆଣିଥିବା ସନ୍ଦେହରେ ପରିବାର, ସମ୍ପର୍କୀୟ ଓ ଶତାଧିକ ଗ୍ରାମବାସୀ ଛତିଶଗଡ଼ରୁ ଓଡ଼ିଶା ଆସୁଥିବା ଖବରପାଇ ରାଇଘର ପୋଲିସ ସୋନପୁର ଗ୍ରାମର ଛକ ନିକଟରେ ସେମାନଙ୍କୁ ଅଟକାଇଥିଲା। ପୋଲିସ ସେମାନଙ୍କ ମଧ୍ୟରୁ ୬ଜଣଙ୍କୁ ରାଇଘର ଯାଇ ଅଲୋଚନା କରିବା ପାଇଁ ଛାଡ଼ିଥିଲା। ରାଇଘର ପୋଲିସ ଉଭୟ ହେମାଲାଲ ଓ ପ୍ରକାଶଙ୍କୁ କୋର୍ଟ ଚାଲାଣ କରିଥିବା ଜାଣି ସେଠାରୁ ଫେରି ଆସିଥିଲେ। ଗାଁରେ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେମାନେ କହିଛନ୍ତି।

# ସମାଜକୁ ବାଲ୍ୟ ବିବାହମୁକ୍ତ କରିବାକୁ ସଚେତନତା ଜରୁରୀ




ବୈଠକରେ ଉପସ୍ଥିତ ଅତିଥିମାନେ।

ଡାବୁଗାଁ, ୨।୫ (ଡି.ଏନ.ଏ.)

**ବାଲ୍ୟ ବିବାହ ନିରାକରଣ ସଚେତନତା କାର୍ଯ୍ୟକ୍ରମ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ବାଲ୍ୟ ବିବାହ ନିରାକରଣ ସଚେତନତା କାର୍ଯ୍ୟକ୍ରମ ସିଡିପିଓ ଗୀତାଞ୍ଜଳୀ ମହାରଣାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମାଜକୁ ବାଲ୍ୟ ବିବାହମୁକ୍ତ କରିବାକୁ ହେଲେ ଗ୍ରାମାଞ୍ଚଳ ଲୋକଙ୍କୁ ସଚେତନତ କରାଯିବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ନାବାଳିକା ଗର୍ଭବତୀ ହେଲେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେବା, ପ୍ରସୂତି ଜନିତ ମୃତ୍ୟୁ, ବିକଳାଙ୍ଗ ଶିଶୁ ଜନ୍ମ ହେବା ଆଶଙ୍କା, ନାବାଳିକା ରକ୍ତହୀନତା ରୋଗରେ ଆକ୍ରାନ୍ତ ହେବା ଭଳି ସମସ୍ୟା ଦେଖାଯାଇଥାଏ। ଡାବୁଗାଁ ବ୍ଲକରେ ବାଲ୍ୟ ବିବାହ ନିରାକରଣ ନିମନ୍ତେ ଅତିଥି ପରାମର୍ଶ ଦେଇଥିଲେ। ବୈଠକରେ ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଯୋଗାଣ ନିରିକ୍ଷକ ସୀତାକାନ୍ତ ରାଉତ, ଅଙ୍ଗନୱାଡି ସୁପରଭାଇଜର ପ୍ରଣମିତା ପଟ୍ଟନାୟକ, ରୋଜାଲିନ ପ୍ରଧାନ, କୁନମୁନ ସେନାପତି, ବିମଳା ନାୟକ, ସାଇରା ବାନୁ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାକର ମୁଦୁଲି, ପର୍ଶୁରାମ ମାଳୀ ଏବଂ ସମସ୍ତ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।

## ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ

ପାପଡ଼ାହାଣ୍ଡି,୨।୫ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଶିରିଶି ବିଦ୍ୟାଳୟରେ ମଙ୍ଗଳବାର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଇଓ ବିରେନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ପିଲାମାନେ ଉତ୍ତମ ସ୍ୱାସ୍ଥ୍ୟ ସୁସ୍ଥତା ବଜାୟ ରଖିବା, ଭାବ ବିନିମୟ କରିବା, ସମ୍ପୂର୍ଣ୍ଣ ଶିକ୍ଷାର୍ଥୀ ହେବା ଓ ନିକଟ ପରିବେଶ ସହ ଜଡ଼ିତ ହେବେ ବୋଲି ଅତିଥି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ପାପଡ଼ାହାଣ୍ଡି ବ୍ଲକ ଅଧ୍ୟକ୍ଷା ହେମଲତା ମାଝି,ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ସମସ୍ତ ଏବିଇଓ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ରାୟଗଡ଼ା ଜିଲାସ୍ତରୀୟ ଶ୍ରମିକ ଦିବସ

ରାୟଗଡା ଅଫିସ/ ରାୟଗଡ଼ା(ସ୍ୱ.ପ୍ର.),୨।୫

ରାୟଗଡ଼ା ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପଠାରେ ସୋମବାର ପାଳିତ ହୋଇଯାଇଛି। ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଜିଲା ଆଇନ ସେବା ପ୍ରାଧୀକରଣର ସଚିବ ନିବେଦିତା ପଣ୍ଡା, ରାୟଗଡ଼ା ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୟା ମାଝୀ ଏବଂ ଏସ୍‌ପି ବିବେକାନନ୍ଦ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କୁ ଉତ୍ସାହିତ କରିଥିଲେ' ଜିଲା ଶ୍ରମ ଅଧିକାରୀ ଜସ୍ମିନି ଶୁଭଦର୍ଶନୀ ସାହୁ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିବା ସହ ଶ୍ରମିକ ଦିବସର ତାତ୍ପର୍ଯ୍ୟ ଓ ଜିଲାରେ ପଞ୍ଜୀକୃତ ସଙ୍ଗଠିତ ଓ ଅଣସଙ୍ଗଠିତ ଶ୍ରମିକ ମାନଙ୍କ ତାଲିକା ଉପସ୍ଥାପନ କରିଥିଲେ। ଜିଲାରେ ଏ ପର୍ଯ୍ୟନ୍ତ ମୋଟ ୯୮,୨୪୫ ଜଣ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି । ଶ୍ରମିକ ଦିବସ ଅବସରରେ ୨୬୯ଜଣ ଶ୍ରମିକଙ୍କୁ ଶିକ୍ଷା ସହାୟତା ବାବଦରେ ୧୨ ଲକ୍ଷ ୭୮ ହଜାର ୨୦୦ ଟଙ୍କା, ୨୧୫ ଜଣ ଶ୍ରମିକଙ୍କୁ ବିବାହ ସହାୟତା ବାବଦରେ ୧ କୋଟି ୫ ଲକ୍ଷ ୭୫ ହଜାର ଟଙ୍କା, ୩୬ ଜଣ ମହିଳା ଶ୍ରମିକଙ୍କୁ ପ୍ରସୂତୀ ସହାୟତା ବାବଦରେ ୩ ଲକ୍ଷ ୬୦ ହଜାର ଟଙ୍କା,୨୦୦ ଜଣ ଶ୍ରମିକଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ବାବଦରେ ୪ କୋଟି ଟଙ୍କା ଏବଂ ୨୦୦ ଜଣ ଶ୍ରମିକଙ୍କ ଅନ୍ତ୍ୟେଷ୍ଟି କ୍ରିୟା। ସହାୟତା ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା। ରାୟଗଡ଼ା ମଣ୍ଡଳ ଶ୍ରମ ଅଧିକାରୀ ଜଣାଇଛନ୍ତି।



ଅତିଥିମାନେ ଜଣେ ଶ୍ରମିକଙ୍କୁ ସହାୟତା ଦେଉଛନ୍ତି ।

## ଶିକ୍ଷାର ମୂଳଦୁଆ ପାଇଁ ସଂଖ୍ୟାଜ୍ଞାନ, ଭାଷାଜ୍ଞାନ ଜରୁରୀ

ତେନ୍ତୁଳିଖୁଣ୍ଟି, ୨।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତନ୍ତୁଳିଖୁଣ୍ଟି ବ୍ଲକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସରପଞ୍ଚ ଟଭା ନାୟକ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି। ଆକର୍ଷଣୀୟ ପରିବେଶରେ ସରଳ ସୁନ୍ଦର ଭାବେ ଛାତ୍ରୀଛାତ୍ରଙ୍କ ଶିକ୍ଷାର ମୂଳଦୁଆ ଗଢ଼ିବା ପାଇଁ ସଂଖ୍ୟାଜ୍ଞାନ ଓ ଭାଷାଜ୍ଞାନ ଜରୁରୀ। ଏଥିପାଇଁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ପ୍ରକଳ୍ପ କରି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତାଲିମ ଦେଇଛି। ଏହି କ୍ରମରେ ପ୍ରଥମରୁ ତୃତୀୟ ଶ୍ରେଣୀ ପିଲାଙ୍କୁ ପାଠପଢା ଆରମ୍ଭ କରାଯାଇଛି। ତେନ୍ତୁଳିଖୁଣ୍ଟି ବ୍ଲକର ଏହି ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟଭାବେ ଗଢିବା ପାଇଁ ସମସ୍ତ ସରଞ୍ଜାମ ବିଇଓ ସୌମେନ୍ଦ୍ର ଭୌମିକ ପ୍ରଧାନ ଶିକ୍ଷକ ହେମନ୍ତ ମାଝିଙ୍କୁ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଏବିଇଓ ମୋହନ ମଧୁସୂଦନ ବାଘ, ରମେଶ ଟାକ୍ରି, ଗୋରାଚାନ୍ଦ ତ୍ରିପାଠୀ, ସମିତି ସଭ୍ୟା ମଧୁସ୍ମିତା ପାଣିଗ୍ରାହୀ, ସିଆର୍‌ସିସି କିଶୋର ଚନ୍ଦ୍ର ନାୟକ, ଏସ୍‌ଏମ୍‌ସି ସଭାପତି ଜଗଦୀଶ ଭଞ୍ଜ, ସଭ୍ୟ ବିନୟ ସୁନା, ଶିକ୍ଷକ ଆନନ୍ଦ ନେପାକ, ସମଦିନି ଖୋସ୍‌ଲା, ଗାୟତ୍ରୀ ନାୟକ ଉପସ୍ଥିତ ଥିଲେ।

# ଓଏସ୍‌ଏସ୍‌ସିରେ ରାୟଗଡ଼ା ଜିଲା ନର୍ସିଂ ନିଯୁକ୍ତି ଶୂନ



ନର୍ସିଂ ଛାତ୍ରୀମାନେ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ।

ରାୟଗଡ଼ା,୨।୫(ସ୍ୱ.ପ୍ର.)

ନର୍ସିଂ ପାଠପଢ଼ି ଚାକିରି ପାଇଁ ହନ୍ତସନ୍ତ ଛାତ୍ରୀ । ଏଭଳିକି ରାଜ୍ୟ ସରକାରଙ୍କ କର୍ମଚାରୀ ଚୟନ ଆୟୋଗ ବିଭାଗରେ ମଧ୍ୟ ରାୟଗଡ଼ା ଜିଲାରେ ନିଯୁକ୍ତି ପାଇଁ କୌଣସି ବିଜ୍ଞାପନ ନାହିଁ । ତେଣୁ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି ନର୍ସିଂ ଛାତ୍ରୀମାନେ । ସେମାନଙ୍କ କହିବାନୁଯାୟୀ, ବର୍ତ୍ତମାନ ଓଏସଏସସି ଅଧୀନରେ ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ବିଜ୍ଞପ୍ତି ବାହାରିଛି । ଏଥିରେ ରାଜ୍ୟର ୨୯ଟି ଜିଲାରେ ଖାଲି ପଦବୀ ରହିଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ରାୟଗଡ଼ା ଜିଲାର ନାମ ନାହିଁ । ତେଣୁ ଜିଲାପାଳଙ୍କୁ ଫେରାଦ ହୋଇଥିବା ନର୍ସିଂ ଛାତ୍ରୀମାନେ କହିଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଲାଲମୋହନ ରାଉତରାୟଙ୍କୁ ପଚାରିବାରେ, ପ୍ରଥମ ପର୍ଯ୍ୟାୟରେ ଜିଲାର ବିଜ୍ଞପ୍ତି ପ୍ରକାଶ ପାଇନି । ପ୍ରଥମ ପର୍ଯ୍ୟାୟ ଚୟନ ପରେ ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ବର୍ଗକୁ ନେଇ ୬୨ଟି ଖାଲି ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇଲେ ଛାତ୍ରୀମାନେ ଆବେଦନ କରିପାରିବେ । ତେବେ ରାୟଗଡ଼ା ଜିଲରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ନର୍ସିଂ କୋର୍ସ ଅଧ୍ୟୟନ କରି ଖାଲିରେ ବସିଥିଲେ ମଧ୍ୟ ନିଯୁକ୍ତି ସୁଯୋଗ ନାହିଁ ।

# ନିଶାସକ୍ତଙ୍କ ହାତଗୋଡ଼ ବାନ୍ଧି ପୋଲିସରେ ଦେଲେ ମହିଳା

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି,୨।୫(ବି.ପ୍ର.)

**ସୋସିଆଲ ମିଡିଆରେ ଭାଇରାଲ ହେଉଛି ଭିଡିଓ**

ମଦ ପିଇଲେ କିମ୍ବା ମଦ ରାନ୍ଧିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ। ଏଭଳି ଲକ୍ଷ୍ୟ ରଖିଛନ୍ତି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅଧୀନ ଚିତ୍ରକୋଟ ଗ୍ରାମର ଶତାଧିକ ମହିଳା। ଯେଉଁଠି ମଦ୍ୟପଙ୍କୁ ଦେଖିଲେ ଗୋଡ଼ରେ ରଶି ବାନ୍ଧି ପୋଲିସରେ ଦେଉଛନ୍ତି। ଏଭଳି ଏକ ଦୃଶ୍ୟ ସୋମବାର ଉକ୍ତ ଗାଁରେ ଦେଖିବାକୁ ମିଳିଛି, ଯାହାର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ମହିଳାଙ୍କ ଏହି ମଦ ବିରୋଧୀ ଅଭିଯାନକୁ ନେଇ ବେଶ୍ ଚର୍ଚ୍ଚା ହେଉଛି।

ଚିତ୍ରକୋଟ ଗ୍ରାମର ଜଣେ ଯୁବକ ମଦ୍ୟପାନ କରି ଗାଁର ମହିଳାଙ୍କୁ ଅଭଦ୍ର ଟିପ୍ପଣୀ କରିବା ସହ ଦିନ ଦ୍ୱିପ୍ରହରରେ ପାଟିତୁଣ୍ଡ କରୁଥିଲେ। ଲୋକେ ଯେତେ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ ସେ ନ ମାନି ମହିଳାଙ୍କ ଏହି 'ମଦ ବନ୍ଦ ନୀତି'କୁ ସମାଲୋଚନା କରି ଗାଳିଗୁଲଜ କରି ଚାଲିଥିଲେ। ଏହାପରେ ଗ୍ରାମର ଶତାଧିକ ମହିଳା ଏକାଠି ହୋଇ ଯୁବକଙ୍କୁ ଘେରି ଯାଇ ତାଙ୍କ ଗୋଡ଼ହାତ ବାନ୍ଧି ପୋଲିସକୁ ସୂଚନା ଦେଇଥିଲେ। ତେନ୍ତୁଳିଖୁଣ୍ଟି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ କାବୁ କରି ଥାନାକୁ ନେଇଥିଲେ, ଯାହାର ଭିଡିଓ ବର୍ତ୍ତମାନ ଭାଇରାଲ ହେଉଛି। ମଦ୍ୟପମାନେ ଏବେ ମହିଳାଙ୍କ ଡରରେ ଲୁଚୁଛନ୍ତି। ଘରର ମୁରବି ନିଶାରେ ରହିବା ଦ୍ୱାରା ଏହାର କୁପ୍ରଭାବ ଛୋଟ ଛୁଆଙ୍କ ଉପରେ ବିଶେଷଭାବେ ପଡୁଛି। ନିଶାସେବନ କରିବାରୁ ଯୁବାବସ୍ଥାରେ ମଧ ଅନେକେ ରୋଗରେ ପଡି ପ୍ରାଣ ହରାଉଛନ୍ତି। ତେଣୁ ଗାଁକୁ ମଦମୁକ୍ତ କରିବା ପାଇଁ ଅଣ୍ଟା ଭିଡିଛୁ ବୋଲି ମହିଳାମାନେ କହିଛନ୍ତି। ତେନ୍ତୁଳିଖୁଣ୍ଟି ଥାନାରେ ଜେନେରାଲ ଡାଇରୀ କରି ନିଶାସକ୍ତ ଯୁବକଙ୍କୁ ତାଙ୍କ ପରିବାର ଲୋକଙ୍କ ଜିମା ଦିଆଯାଇଛି ବୋଲି ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ କହିଛନ୍ତି।

# ୩ମାସ ୫ଦିନ ପରେ ସରିଲା ବଡ଼ଓଲମା ବାଲିଯାତ୍ରା

ଡାବୁଗାଁ, ୨।୫ (ଡି.ଏନ୍.ଏ.)



ବାଲିଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ।

**୧୨ବର୍ଷରେ ଥରେ ପଡେ ଏହି ଯାତ୍ରା**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବଡଓଲମା ଗ୍ରାମରେ ଚାଲିଥିବା ବାଲିଯାତ୍ରା ମଙ୍ଗଳବାର ଉଦ୍ୟାପିତ ହୋଇଯାଇଛି। ଏହି ବାଲିଯାତ୍ରା ୧୨ ବର୍ଷରେ ଥରେ ହୁଏ। ଚଳିତ ବର୍ଷ ୨୪ ଜାନୁଯାୟୀରୁ ଆରମ୍ଭ ହୋଇ ଦୀର୍ଘ ୩ ମାସ ୫ ଦିନ ଏହି ଯାତ୍ରା ଚାଲିଥିଲା। ଏହି ବାଲିଯାତ୍ରାରେ ଗ୍ରାମର ସମସ୍ତ ଦେବଦେବୀଙ୍କ ପ୍ରତୀକ ଲାଠିକୁର୍ଚ୍ଚିଙ୍କୁ ଉକଟ ମଣ୍ଡପରେ ପୂଜାର୍ଚ୍ଚନା କରାଯାଇଥାଏ। ଏଥିରେ ମାଁ ସୁନଦେଇ ଠାକୁରାଣୀଙ୍କ ପୂଜାରୀ ଧନ ପୂଜାରୀ, ମାଟି ପୂଜାରୀ, ଚନ୍ଦ୍ର ପୂଜାରୀ, କାମିନୀ ପୂଜାରୀ, ରନୁ ପୂଜାରୀ ପ୍ରମୁଖ ବାଦ୍ୟର ତାଳେତାଳେ ପୂଜାର୍ଚ୍ଚନା କରିଥିଲେ। ଏପ୍ରିଲ ୧୬ରୁ ଗ୍ରାମପାଖ ନଦୀରୁ ବାଲି ଆଣି ବାଲିଯାତ୍ରା ମଣ୍ଡପରେ ରଖାଯାଇଥିଲା। ୯ଦିନ ପରେ ଅକ୍ଷୟ ତୃତୀୟା ଦିନ ବିଭିନ୍ନ ପ୍ରକାରର ଶଷ୍ୟ ବୁଣାଯାଇ ଦେବଦେବୀଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇ ଆଗାମୀ ବର୍ଷରେ ଗ୍ରାମରେ ଭଲ ଫସଲ ହେବା ପାଇଁ ପ୍ରାର୍ଥନା କରାଯାଇଛି। ଶେଷଦିନ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଡାବୁଗାଁ ବ୍ଲକ ଜିଲା ପରିଷଦ ସଭ୍ୟ ଜୋନ-୧ ଧନସିଂ ଭତ୍ରା, ଜୋନ୍-୨ ଗୁପ୍ତ ବିଷୋୟୀ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି, ପାପଡ଼ାହାଣ୍ଡି ଜିଲା ପରିଷଦ ସଭ୍ୟା ଲିପିକା ମାଝି, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ପ୍ରକାଶ ଚନ୍ଦ୍ର ପଣ୍ଡା, ମୋହନ ମାଝି ପ୍ରମୁଖ ଯୋଗ ଦେଇଥିଲେ। ବାଲିଯାତ୍ରା ପଡିଆରେ ବିଧାୟକ ପାଣ୍ଠିରୁ ନିର୍ମିତ ହୋଇଥିବା ବାଲିଯାତ୍ରା ମଣ୍ଡପକୁ ବିଧାୟକ ମନୋହର ରନ୍ଧାରୀ ଉଦ୍‌ଘାଟନ କରିଥିଲେ । ଗ୍ରାମରେ ଥିବା ବାଲିଯାତ୍ରା ମଣ୍ଡପରୁ ଗ୍ରାମର ଦେବଦେବୀଙ୍କୁ ପଟୁଆର ସହିତ ବାଲିଯାତ୍ରା ପଡିଆକୁ ପ୍ରତ୍ୟାବର୍ତ୍ତନ କରିବା ପରେ ସେଠାରେ ଭୀମା ଓ କନ୍ଦନୀ ପ୍ରତିମୂର୍ତ୍ତି ସ୍ତମ୍ଭ ସ୍ଥାପନ କରାଯାଇଥିଲା। ରାତିରେ ଭୀମା ଦେବତା ଓ କନ୍ଦନୀ ଦେବୀଙ୍କର ବିବାହ କରାଯାଇଥିଲା। ଭକ୍ତଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ବାଲିଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବାଲିଯାତ୍ରା ପୂଜା କମିଟିରେ ସୁବାସ ଚନ୍ଦ୍ର ବିଷୋୟୀ, ରାଜେନ୍ଦ୍ର ବିଷୋୟୀ, ଉପେନ୍ଦ୍ର ବିଷୋୟୀ, ଘାସିରାମ ବିଷୋୟୀ, ଜଗଦୀଶ ଭତ୍ରା, ନିଳେନ୍ଦ୍ର ଭତ୍ରା, ପୀତାମ୍ବର ପୂଜାରୀ ଦଇନୁ ପୂଜାରୀ, ପଦମ ପୂଜାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

